

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 JANUARY 2023

Vol.No. 34 ■ No. 15 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନେପାଳରେ ବଡ ବିମାନ ଦୁର୍ଘଟଣା : ଜଳିଗଲା ବିମାନ, ୭୨ ମୃତ

ନୂଆଦିଲ୍ଲୀ, ୧୫/୦୧ : ନେପାଳରେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଦେଖିବାକୁ ମିଳିଥିଲା ଭୟଙ୍କର ଦୃଶ୍ୟ । ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ତଳକୁ ଖସି ପଡିବା ସହ ସମ୍ପୂର୍ଣ୍ଣ ଜଳିଯାଇଥିଲା । ହୁତୁ ହୁତୁ ହୋଇ ଜଳିଯାଇଥିଲା ବିମାନ । ବିମାନ ଜଳିବାବେଳେ ଆକାଶ ଧୁଆଁମୟ ହୋଇଯାଇଥିଲା । କେହି କିଛି ବୁଝିବା ପୂର୍ବରୁ ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରିଉ ମେମ୍ବରଙ୍କୁ ମିଶାଇ ପ୍ରାୟ ୭୨ଜଣଙ୍କ ଜୀବନ ଚାଲିଯାଇଛି । ନେପାଳ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ କାଠମାଣ୍ଡୁ ବିମାନବନ୍ଦରରୁ, ପୋଖରା ଅଭୁମୁଖେ ଉଡାଣ ଭରିଥିଲା ୟେତି –ଏୟାରଲାଇନ୍ସର ୯ଏନ- ଏଏନସି- ଏଟିଆର-୭୨ ବିମାନ । କିନ୍ତୁ ଦୁର୍ଭାଗ୍ୟ ବସତଃ ଉଡାଣ ଭରିବାର ମାତ୍ର ୨୦ ମିନିଟ୍ ପରେ, ପୋଖରାରେ ପହଁଚିବା ପୂର୍ବରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନରେ ୬୮ ଯାତ୍ରୀ ଓ ୪ଜଣ କ୍ରିଉ ମେମ୍ବରଙ୍କୁ ମିଶାଇ ମୋଟ ୭୨ଜଣ ଥିଲେ । କାଠମାଣ୍ଡୁରୁ ପୋଖରା ପହଁଚିବାକୁ ମାତ୍ର ୨୫ମିନିଟ୍ ସମୟ ଲାଗିଥାଏ । ବିମାନ ଉଡିବାର ୨୦ ମିନିଟ ବି ଅତିକ୍ରମ କରିସାରିଥିଲା । ଆଉ ମାତ୍ର କିଛି ସମୟ ଭିତରେ ପୋଖରାରେ ଅବତରଣ କରିଥାନ୍ତା । ବିମାନଟି ପୋଖରା ସହରର ଏକ ଘର ଉପରେ ଆକାଶରେ ଉଡୁଥିଲା । କିନ୍ତୁ ଏହାର ମାତ୍ର କିଛି ସମୟ ଭିତରେ ଅଚାନକ ଦୁର୍ଘଟଣାଗ୍ରସ୍ତ ହୋଇ ଖସି ପଡିଛି । କୁହାଯାଉଛି ବିମାନଟି ଉଚ୍ଚ ପାହାଡରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ତଳେ ଥିବା ଏକ ନଦୀ ଅତଡାକୁ ଖସିପଡିଥିଲା । ଆଉ ସେଠାରେ ହିଁ ଜଳି ଯାଇଥିଲା । ଖଣ୍ଡବିଖଣ୍ଡିତ ହୋଇ ଏଣେତେଣେ ପଡିଥିଲା ବିମାନର ଭଗ୍ନାବଶେଷ । ବିମାନରେ ଥିବା ଲୋକମାନେ ବି ଏଣେତେଣେ ପଡିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା ନେପାଳ ସେନା ଓ ପୋଲିସ । ହେଲେ, ଭୟଙ୍କର ଦୁର୍ଘଟଣାରୁ ବିମାନରେ ଥିବା ଲୋକଙ୍କୁ ବଞ୍ଚାଇବା ▶▶ପୃଷ୍ଠା ୭

୨୪ରେ ଏକାକୀ ଲଢ଼ିବ ବିଏସପି : ମାୟାବତୀ

ନୂଆଦିଲ୍ଲୀ,୧୫/୦୧ : ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଏସପି କାହା ସହ ମେଣ୍ଟ କରିବନି । ବରଂ ଏକାକି ଲଢ଼ିବ । ଆଜି ଜନ୍ମ ଦିନ ଅବସରରେ ବିଏସପି ସୁପ୍ରିମୋ ସୁଶ୍ରୀ ମାୟାବତୀ ଏହା କହିଛନ୍ତି । ଏହି ଅବସରରେ ମାୟାବତୀ ରାଜନୈତିକ ଦଳଗୁଡ଼ିକୁ କଡ଼ା ଆହ୍ୱାନ କରିଛନ୍ତି । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଗୁଡ଼ିକୁ ଟାର୍ଗେଟ କରିଛନ୍ତି ମାୟାବତୀ । ସେ କହିଛନ୍ତି, ନିର୍ବାଚନରେ ଦଳ କାହା ସହ ମେଣ୍ଟ କରିବ ନାହିଁ । ନିଜେ ପ୍ରତିଦ୍ୱନ୍ଦିତା କରିବ । ଯଦି ନିର୍ବାଚନ ବାଲାଟ ପେପର ମାଧ୍ୟମରେ ହୁଏ ତେବେ କ୍ଷୀର କ୍ଷୀର ଓ ପାଣି ପାଣି ହୋଇଯିବ ବୋଲି ବିଏସପି ସୁପ୍ରିମୋ ମାୟାବତୀ କହିଛନ୍ତି । ଆଜି ମାୟାବତୀଙ୍କ ଜନ୍ମଦିନ ଥିବାରୁ ରାଜ୍ୟ ମୁଖ୍ୟାଳୟରେ ଏନେଇ ଗଣମାଧ୍ୟମ କର୍ମଚାରୀ ମାନଙ୍କୁ ସେ ସୂଚନା ଦେଇଛନ୍ତି । ଖାଲି ସେତିକି ନୁହେଁ ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜାତିଆଣ ଓ ଛୋଟ ଚିନ୍ତାଧାରା ଭଳି କଥାକୁ ଦୂର କରିବାକୁ ବିଏସପି ଚେଷ୍ଟା କରୁଛି । ସେହିପରି ମାୟାବତୀ ବିଜେପିକୁ କଡ଼ା ଟର୍ଗେଟ ମଧ୍ୟ କରିଛନ୍ତି । ମାୟାବତୀ କହିଛନ୍ତି, ଗ୍ଲୋବାଲ ସମ୍ମିଳନୀ ନାଁରେ ବିଜେପି ତାର ଖରାପ ନୀତିକୁ ଘଉଡାଇବାକୁ ଚେଷ୍ଟା କରୁଛି । ଆଇନ୍ ଶୃଙ୍ଖଳାକୁ ନେଇ ଖେଳ ଚାଲିଛି । ବର୍ତ୍ତମାନ ଉଭୟ କଂଗ୍ରେସ ଓ ବିଜେପି ବିଏସପିର ପଥ ଅନୁସରଣ କରୁଛନ୍ତି । ଓବିସି ସଂରକ୍ଷଣ ଉପରେ ଉଭୟ ବିଜେପି ଓ କଂଗ୍ରେସ ବିଏସପିର କାର୍ଯ୍ୟକୁ ଅନୁସରଣ କରୁଛନ୍ତି । ବାଲାଟ ପେପରରେ ଆଗାମୀ ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି ।

ପୁରୁଷ ହକି ବିଶ୍ୱକପ : ଭାରତ –ଇଂଲଣ୍ଡ ମ୍ୟାଚ ଡ୍ରରେ ଶେଷ

ଭୁବନେଶ୍ୱର,୧୫/୦୧ (ନି.ପ୍ର): ଚଳିତ ବିଶ୍ୱକପରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' । ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଗ୍ରୁପ-ଡି'ର ହାଇଭୋଲଟେଜ୍ ମୁକାବିଲାର ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ । ଚାରୋଟି ଯାକ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରିନଥିଲେ । ଫଳରେ ମ୍ୟାଚଟି ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା । ମ୍ୟାଚ୍ ଡ୍ର' ହେବା ଦ୍ୱାରା ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି । ମ୍ୟାଚର ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ୫ଟି ଓ ଭାରତ ଗୋଟିଏ ପେନାଲ୍ଟି କର୍ଣ୍ଣର ପାଇଥିଲା । କିନ୍ତୁ ଉଭୟ ଦଳ ଗୋଟିଏ ବି ଗୋଲରେ ପରିଣତ କରିପାରିନଥିଲେ । ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଦୁଇଟି ଓ ଭାରତ ତିନୋଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ବି ଗୋଲ୍ ଦେବାରେ ସଫଳ ହୋଇନଥିଲେ । ଚତୁର୍ଥ କ୍ୱାର୍ଟରର ଶେଷ ମିନିଟରେ ଇଂଲଣ୍ଡକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା, କିନ୍ତୁ ଭାରତ ଏହାକୁ ସଫଳତାପୂର୍ବକ ରୋକି ମ୍ୟାଚକୁ ଡ୍ର' କରିଥିଲା । ଇଂଲଣ୍ଡ ୪ ପଏଣ୍ଟ ସହ ଗ୍ରୁପ୍ ଡି' ଶୀର୍ଷରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଏହା ପୂର୍ବରୁ ଭାରତ ତା'ର ପ୍ରଥମ ମ୍ୟାଚରେ ସ୍ପେନକୁ ୨- ୦ ଗୋଲରେ ହରାଇଥିଲା । ସେହିପରି ଇଂଲଣ୍ଡ ତା'ର ପ୍ରଥମ ମୁକାବିଲାରେ ୫-୦ ଗୋଲରେ ୱେଲ୍ସକୁ ହରାଇଥିଲା । ଭାରତ ତା'ର ତୃତୀୟ ମୁକାବିଲାରେ ୱେଲ୍ସକୁ ଭେଟିବ ।

ରାଜଧାନୀର ଦିଲ୍ଲୀରେ ହାଡ଼ଭଂଗା ଶୀତ

ନୂଆଦିଲ୍ଲୀ,୧୫/୦୧ : ରାଜଧାନୀର ଦିଲ୍ଲୀରେ ହାଡ଼ଭଂଗା ଶୀତ । ଗତକାଲି ଶନିବାର ତୁଳନାରେ ଦିଲ୍ଲୀରେ ଆଜି ପ୍ରବଳ ଶୀତ ଅନୁଭୂତ ହୋଇଥିଲା । ଆସନ୍ତା ସପ୍ତାହରେ ତାପମାତ୍ରା ପ୍ରାୟ ମାଇନସ୍ ୪ ଡିଗ୍ରୀ ଯାଏଁ ଖସିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଦିଲ୍ଲୀ ସହ ଆଖପାଖ ଅଂଚଳରେ ଏଭଳି ଶୀତ ଅନୁଭୂତ ହେବ । ଦିଲ୍ଲୀର ସଫଦରଜଙ୍ଗ ଅଂଚଳରେ ସବୁଠାରୁ କମ ଶୀତ ଅନୁଭୂତ ହେଉଛି । ଏଠାରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ପାଲମ ଅଞ୍ଚଳରେ ତାପମାତ୍ରା ୧୨. ୪ ଡିଗ୍ରୀ ରେକର୍ଡ ହୋଇଛି । ଗୁରୁବାର ଦିନ ଏଠାରେ ଅଧିକ ଶୀତ ଅନୁଭୂତ ହୋଇଥିଲା । ସର୍ବନିମ୍ନ ତାପମାତ୍ରା ପ୍ରାୟ ୯. ୩ ଡିଗ୍ରୀକୁ ଖସି ଆସିଥିଲା । ସେହିପରି ଦିଲ୍ଲୀରେ ଭିଜିବିଲିଟି ମାନ ମଧ୍ୟ ହ୍ରାସ ପାଇଛି । ପାଲମ ଏବଂ ସଫଦରଜଙ୍ଗ ଅଂଚଳରେ ଭିଜିବିଲିଟି ୫ଶହ ମିଟର ରହିଛି । ପ୍ରବଳ କୁହୁଡି ଯୋଗୁଁ ଦିଲ୍ଲୀରୁ ସାନଫ୍ରାନସିସ୍କୋ, କାଠମାଣ୍ଡୁ, ଚଣ୍ଡିଗଡ଼, କୁଲୁ,ଜୟପୁର, ଧରମଶାଳା, ଶିମଲା ଏବଂ ଡେରାଡୁନକୁ ବିମାନ ଚଳାଚଳ ବିଳମ୍ବ ହୋଇଥିଲା । ସେହିପରି ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ପ୍ରବଳ ତୁଷାର ପାତ ହେଉଛି । ଆଉ ଏହାର ପ୍ରଭାବ ଦିଲ୍ଲୀ-ଏନସିଆରରେ ପଡୁଛି । ରାଜଧାନୀ ଦିଲ୍ଲୀରେ ତାପମାତ୍ରା ୨ରୁ ୩ ଡିଗ୍ରୀ ଖସି ଆସିଛି । ଏହାସହ ଦିଲ୍ଲୀ ଓ ସମ୍ପୂର୍ଣ୍ଣ ଉତ୍ତର ଭାରତରେ ହାଡଭଙ୍ଗା ଶୀତ ଅନୁଭୂତ ହୋଇଛି । ଏହାକୁ ନେଇ ଆଇଏମଡି ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ଆହୁରି କମ ହେବ ବୋଲି ଅନୁମାନ ଲଗାଇଛି ପାଣିପାଗ ବିଭାଗ ।

କଟକଣା ହଟିବାରେ ଚାଇନାରେ ସାଂଘାତିକ ସ୍ଥିତି, ମାସକରେ ଗଲାଣି ୬୦ ହଜାର ଜୀବନ

ବେଜିଂ,୧୫/୦୧ (ନି.ପ୍ର): ମହାମାରୀ କରୋନା ଯୋଗୁ ଚାଇନାର ସ୍ଥିତି ସାଂଘାତିକ ହୋଇଥିବା ଶେଷରେ ସ୍ୱୀକାର କରିଛି ବେଜିଂ । ବିଶେଷ କରି ଚାଇନା ସରକାର ଦେଶରେ ଲାଗୁ ହୋଇଥିବା ଶୂନ କୋଭିଡ୍ ନୀତିକୁ ପ୍ରତ୍ୟାହାର କରିବା ପରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି । ମାସକ ଭିତରେ କରୋନାରେ ଆକ୍ରାନ୍ତ ହୋଇଥିବା ପ୍ରାୟ ୬୦ ହଜାର ଲୋକଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ବେଜିଂ ସ୍ୱୀକାର କରିଛି । ନ୍ୟାଶନାଲ ହେଲ୍ଥ କମିଶନ(ଏନଏଚ୍‌ସି)ର ଜଣେ ମେଡିକାଲ ଅଧିକାରୀ କହିଛନ୍ତି, ଡିସେମ୍ବର ୮ରୁ ଜାନୁଆରୀ ୧୨ ମଧ୍ୟରେ କରୋନା ଯୋଗୁ ୫୯,୯୩୮ ଜଣ ଲୋକ ପ୍ରାଣ ହରାଇଛନ୍ତି । କଟକଣା ହଟିବା ପରେ କରୋନା ସଂକ୍ରମଣ ଓ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଏବେ କିନ୍ତୁ ସ୍ଥିତିରେ ସୁଧାର ଆସିଛି । ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି । ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ୫,୫୦୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ସେହିପରି ପ୍ରାଣ ହରାଇଥିବା ୫୪,୪୩୫ ଜଣ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ ବୋଲି ସେ କହିଛନ୍ତି । ଯେଉଁମାନେ କେବଳ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି, ▶▶ପୃଷ୍ଠା ୭

ଆସ୍ଥା ଭୋଟର ସମ୍ମୁଖୀନ ହେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ !

ଇସଲାମାବାଦ,୧୫/୦୧ (ନି.ପ୍ର): ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ରାଜନୀତିକ ଅସ୍ଥିରତା ଜାରି ରହିଛି । ଏସବୁ ଭିତରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆସ୍ଥା ଭୋଟର ସମ୍ମୁଖୀନ ହେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ତାଙ୍କୁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଷ୍ଟ୍ରପତି ଡା. ଅରିଫ ଅଲଭି ଖୁବଶୀଘ୍ର ନିର୍ଦ୍ଦେଶ ଦେବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଦାବି କରିଛନ୍ତି । ଇମ୍ରାନଙ୍କ ଏପରି ଦାବି ପରେ ପାକିସ୍ତାନ ରାଜନୀତି ସରଗରମ ହୋଇ ଉଠିଛି । କାରଣ ଇମ୍ରାନ ଗତ ଏପ୍ରିଲ ମାସରେ ହିଁ ଆସ୍ଥା ଭୋଟରେ ହାରି ଶାସନ ଗାଦିରୁ ବିଦା ହୋଇଥିଲେ । ଏହାପରେ ଶରିଫ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ▶▶ପୃଷ୍ଠା ୭

ଆଜିଠୁ ଦିଲ୍ଲୀରେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୫/୦୧ (ନି.ପ୍ର): ସୋମବାର ଠାରୁ ନୂଆଦିଲ୍ଲୀ ଠାରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ବୈଠକରେ ଓଡିଶାରୁ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏବଂ ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଯୋଗ ଦେବେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସମେତ ପାଖାପାଖି ତିନି ଶହରୁ ଉର୍ଧ୍ୱ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ସହିତ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

ଇନଟାକ ପକ୍ଷରୁ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା

ବାଲେଶ୍ୱର,୧୫/୦୧ (ନି.ପ୍ର): ଇନ୍‌ଟାକ୍ ଦ୍ୱାରା 'ଖାନା ଖଜାନା: ଆମର ଖାଦ୍ୟ ପରମ୍ପରା' ଶୀର୍ଷକ ଏକ ବିଦ୍ୟାଳୟ ସ୍ତରୀୟ ସର୍ବଭାରତୀୟ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି । ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ବାଲେଶ୍ୱରର ବିଭିନ୍ନ ବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ସପ୍ତମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତିଯୋଗୀଙ୍କୁ ଓଡ଼ିଶାର ଏକ ପାରମ୍ପରିକ ଖାଦ୍ୟର ଚିତ୍ରାଙ୍କନ ସହ ତତ୍ ସମ୍ବନ୍ଧୀୟ ଏକ ପ୍ରବନ୍ଧ ରଚନା ପାଇଁ କୁହାଯାଇଥିଲା । ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୦ଜଣ ପ୍ରତିଯୋଗୀଙ୍କୁ ଏବଂ ଆନ୍ତରାଜ୍ୟ ସ୍ତରୀୟ ୧୦୦ ଜଣ ପ୍ରତିଯୋଗୀଙ୍କୁ ଇନ୍‌ଟାକ୍ ଦିଲ୍ଲୀ ପକ୍ଷରୁ ପୁରସ୍କୃତ କରାଯିବାକୁ ସ୍ଥିର ହୋଇଅଛି । ପ୍ରତିଯୋଗିତା ପ୍ରାରମ୍ଭରେ ଇନଟାକ ବାଲେଶ୍ୱର ଚାପଟାରର ଆବାହକ ହୃଦୟ ରଞ୍ଜନ ଦାସ ବିବରଣୀ ପ୍ରଦାନ ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସଭ୍ୟ ଭାବଗ୍ରାହୀ ମହାନ୍ତି ପାରମ୍ପରିକ ଖାଦ୍ୟର ଉତ୍କର୍ଷତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟ ଡା. ଦେବାଶିଷ ମିଶ୍ର, ଯଶୋଦାନନ୍ଦନ ଆଶ୍, ଗୌରୀଶଙ୍କର ନାୟକ, ଅଖିଳ କୁମାର ଦାସ ଏବଂ ଶୀତିକଣ୍ଠ ଦୀକ୍ଷିତ ଓ ବାଲେଶ୍ୱର କଳା ମହାବିଦ୍ୟାଳୟର ଅଧ୍ୟାପକ ଦୈତାରୀ ବେହେରା ଏବଂ ଅନୁଷ୍ଠାନର ଛାତ୍ରବୃନ୍ଦ ସକ୍ରିୟ ସହଯୋଗ କରିଥିଲେ ।

ମଧ୍ୟପ୍ରଦେଶରୁ ଠକ ସର୍ଦ୍ଦାର ଆଇଟି ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୧୫/୦୧ (ନି.ପ୍ର): ପାଠ ପଢି ଇଂଜିନିୟର ହେଲେ । ହେଲେ ଲୋକଙ୍କୁ ଠକେଇ କରିବାକୁ ନିଜ ପେଶା ଆପଣାଇଲେ । ଆଉ ଏବେ ଇଓଡବ୍ଲ୍ୟୁ ଏହି ଫ୍ରଡ ମାଷ୍ଟର ଇଂଜିନିୟରକୁ ଗିରଫ କରିଛି । ଅଭିଯୁକ୍ତ ଅର୍ପିତା ପଞ୍ଚଲଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି ଇଓଡବ୍ଲ୍ୟୁ । ଭାରତର ସବୁଠାରୁ ବଡ଼ ସଙ୍ଗଠିତ ଠକ ସଂସ୍ଥାର ଏହି ବ୍ୟକ୍ତି ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ । ପ୍ରତି ରାଜ୍ୟରେ ଥିବା ଠକ ଏଜେଣ୍ଟଙ୍କ ଜରିଆରେ ଷଡ଼ଯନ୍ତ୍ର ରଚି ପାଖାପାଖି ୫୦ ହଜାରରୁ ଅଧିକ ଯୁବ ପିଢିଙ୍କୁ ଚାକିରୀ ଦେବା ନାଁ ରେ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଛି । ଗିରଫ ଅଭିଯୁକ୍ତ ▶▶ପୃଷ୍ଠା ୭

ଉଡ଼ମ୍ବରରେ ଫକୀରମୋହନ ଜୟନ୍ତୀ ପାଳିତ

ବାଲେଶ୍ୱର, ୧୫/୦୧ (ନି.ପ୍ର): ଫକୀରମୋହନ ଜୟନ୍ତୀ ସମିତି ଉଡ଼ମ୍ବର ତରଫରୁ ଫକୀରମୋହନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଗ୍ରାମୀଣ ପରିବେଶରେ ଓଡ଼ିଆର ଐତିହ୍ୟ ଓ ସଂସ୍କୃତିକୁ ମନେ ପକାଇବା ପାଇଁ ଏହି ଗ୍ରାମୀଣ ପରିବେଶର ଗ୍ରାମବାସୀମାନେ ଖୁବ୍ ମହା ଆଡ଼ମ୍ବର ସହକାରେ ଏହି ଉତ୍ସବକୁ ପାଳନ କରିଥାନ୍ତି । ମହୋତ୍ସବ କମିଟିର ସଭାପତି ଶ୍ରୀ କରୁଣାକର ଖଟୁଆଙ୍କ ସଭାପତିତ୍ୱରେ ଏହି ଫକୀରମୋହନ ଜୟନ୍ତୀ ଉତ୍ସବ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଶ୍ରୀ ଅଜିତ୍ କୁମାର ମହାନ୍ତି ପ୍ରାରମ୍ଭିକ ଭାଷଣରେ ଫକୀରମୋହନ ଜୟନ୍ତୀ ପାଳନ ବିଷୟରେ ପ୍ରାକ୍ ଭାଷଣ ଦେଇଥିଲେ । କହିଥିଲେ ଯେ, ଦୀର୍ଘ ୩୦ ବର୍ଷ ଧରି ଏହି ମକର ଉତ୍ସବ ଓ ଫକୀରମୋହନ ଜୟନ୍ତୀ ପାଳିତ ହୋଇଆସୁଛି । କୌଣସି ସାହାଯ୍ୟ ବିନା କତିପୟ ବ୍ୟକ୍ତିଙ୍କ ଅନୁଦାନରେ ଏହି ମକର ଉତ୍ସବ ଓ ଫକୀରମୋହନ ଜୟନ୍ତୀ ପାଳିତ ହୋଇଆସୁଛି । କମିଟିର ସଭ୍ୟ ଅରୁଣ କୁମାର ମହାନ୍ତି, ରମେଶ ଚନ୍ଦ୍ର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ବକ୍ତାଭାବେ କବି କାଳିପଦ ପଣ୍ଡା ଯୋଗଦେଇ କହିଥିଲେ ଯେ, ଯେଉଁଦିନ ଫକୀରମୋହନଙ୍କୁ ସାଧାରଣ ଲୋକ ଚିହ୍ନିପାରିବେ ସେହିଦିନ ହିଁ ଓଡ଼ିଆ ଭାଷା ଓ ସଂସ୍କୃତି ଉତ୍ତରୋତ୍ତର ଉନ୍ନତି ହୋଇପାରିବ । ମୁଖ୍ୟ ଅତିଥିଭାବେ ଧ୍ୱନି ପ୍ରତିଧ୍ୱନିର ଓ ସାଗରିକାର ପାରିଚାଳନ ସମ୍ପାଦକ ସୃଷ୍ଟିଧର ପରିଡ଼ା କହିଥିଲେ ଯେ, ଯେତେଦିନ ପର୍ଯ୍ୟନ୍ତ ମାନବ ସମାଜ ଥିବ ଓଡ଼ିଆ ଜାତିର ଭାଷା ପୁରୁଷ ଫକୀରମୋହନ ଜନଜୀବନରେ ବଞ୍ଚିରହିଥିବେ । ତାଙ୍କର କାଳଜୟୀ ସୃଷ୍ଟିକୁ ସମାଜ କେବେ ଭୁଲିପାରିବ ନାହିଁ । ଶେଷରେ ବିଭିନ୍ନକ୍ଷେତ୍ରରେ କୃତି ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ଭଦ୍ରକ, ୧୫/୦୧ (ନି.ପ୍ର): ଚଳିତ ମାସ ୨ ତାରିଖରୁ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରେ ଚାଲିଥିବା ୭ମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଗତକାଲି ସଂଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଷ ମଧ୍ୟରେ ଉଦଯାପିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଆଗାମୀ ଦିନରେ ମଧ ଏହି ଅନୁଷ୍ଠାନ ଭଦ୍ରକର ସଂସ୍କୃତି, ପରପମ୍ପରାର ବାର୍ତ୍ତାବହ ହୋଇ ରହୁ ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ, ନାରୀନେତ୍ରୀ ତାହେରା ଖାତୁନ, ପାରିଷଦ ଜୁଲଫୁକର ଅଲ୍ଲୀ, ଙ୍ଗ ଅଭୟ ସୂତାର ପ୍ରମୁଖ ଯୋଗଦେଇ ଅନୁରୂପ ବକ୍ତବ୍ୟ ରଖିଥିଲେ । ଉଦଯାପନୀ ଉତ୍ସବବରେ କୁନିକୁନି ପିଲାମାନଙ୍କ ଫେସନ ସୋ ସହିତ ମୁନା ମହାପାତ୍ରଙ୍କ ଅକ୍ରେଷ୍ଟ୍ରାରେ ସୁବାଷ ରାମଙ୍କ କଣ୍ଠରେ ଝୁମିଥିଲେ ଉପସ୍ଥିତ ଦର୍ଶକ । ସଭା ଶେଷରେ ଗତ ୧୧ ଦିନ ଧରି ବିଭିନ୍ନ ନୃତ୍ୟ, କୁଇଜ, ସଂଗୀତ, ଫେସନ ସୋରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ନ୍ୟାଟ୍ୟାନୁଷ୍ଠାନ ସମେତ ସାସ୍କୃତିକ ସଂଗଠନମାନଙ୍କର ପିଲା ଓ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା । ତାରୋ ଖାତୁନ, ଡାକ୍ତର ଷ୍ଟାଲିନ ଦାସଙ୍କୁ ମଧ ଏହି ଅବସରରେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ବରିଷ୍ଠ ସଦସ୍ୟା କଳ୍ପନା ଜେନା ମଞ୍ଚ ଆମନ୍ତ୍ରଣ କରିଥିବାବେଳେ, ମନୋରମା ରାୟ ସ୍ୱାଗତ ଭାଷଣ, ଚୈତାଳୀ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ । କମିଟିର ସମ୍ପାଦକ ଆଶିଶ ଅମିତାଭ ମହାପାତ୍ର ବାର୍ଷୀକ ବିବରଣୀ ପାଠ କରିଥିବାବେଳେ, କୋଷାଧକ୍ଷ ପ୍ରିୟଦର୍ଶନ ବୋଇତି ଧନ୍ୟାବଦ ଅର୍ପଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ଜଗବନ୍ଧୁ ବେହେରା, ରମେଶ ପାଗଲ, କ୍ଷିତିଶ ବେହେରା, ଶ୍ରାବଣୀ କର, ତେଜସ୍ୱିନୀ ଦାସ, ଜାନକୀ ପାଢ଼ୀ, ଅତିଶ ଦାସ, ସୁବ୍ରତ ଦିକ୍ଷୀତ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟ କାର୍ଯ୍ରକ୍ରମ ପରିଚାଳନା କରିଥିଲେ ।

ଏନ୍‌ଜିଟି ରାୟର ୪ବର୍ଷ ପରେ ରାଜ୍ୟ ସୀମା ବିବାଦ ସମାଧାନ ବାଟ ଫିଟିଲା

ସୁବର୍ଣ୍ଣରେଖା ନଦୀ ବାଲିରେ ଦୁଇ ରାଜ୍ୟର ଜିଲ୍ଲା ପ୍ରଶାସନ : ନୂତନ ନିୟମରେ ହେବ ବାଲି ଖନନ

ଜଳେଶ୍ୱର , ୧୫/୦୧ (ନି.ପ୍ର): ସୁବର୍ଣ୍ଣରେଖଶ ନଦୀର ସୀମା ନିର୍ଦ୍ଧାରଣ, ବାଲି ଖନନ ଇତ୍ୟାଦି ନେଇ ୪ବର୍ଷ ପୂର୍ବେ ଏନ୍‌ଜିଟି ଦେଇଥିବା ରାୟଲାଗି ବାଲେଶ୍ୱର ଓ ପଶ୍ଚିମ ମେଦିନୀପୁର ଜିଲାର ଦୁଇ ଅତିରିକ୍ତ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ମାପଚୁପ କରିଛନ୍ତି । ଫଳରେ ଆସନ୍ତା ଦିନରେ ନୂତନ ନିମୟରେ ସୁବର୍ଣ୍ଣରେଖାରୁ ବାଲି ଉତ୍ତୋଳନ ଲାଗି ପଥ ପରିଷ୍କାର ହୋଇଛି ।

ଦିଲ୍ଲିସ୍ଥିତ ଏନ୍‌ଜିଟିର ପିନ୍ସପାଲ ବେଞ୍ଚରେ ସୁବର୍ଣ୍ଣରେଖା ନଦୀର ସୀମା ସମସ୍ୟା, ବାଲି ଉତ୍ତୋଳନ, ଖଣି, ପରିବେଶ, ଜଂଗଲ, ପ୍ରଦୂଷଣ ନେଇ ଏକ ମାମଲା ସୁଦର୍ଶନ ଦାସ ଆଗତ କରିଥିଲେ । ଏହି ମାମଲା ୧୭୩/୨୦୧୮ ମାମଲାର ରାୟ ପ୍ରକାଶ ପାଇଥିଲା । ଏହି ଅନୁଯାୟୀ ନଦୀ ଗର୍ଭରେ ଦୁଇ ରାଜ୍ୟର ସୀମା ଚିହ୍ନଟ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ବାଳେଶ୍ୱର ଜିଲା ପ୍ରଶାସନର ପ୍ରତ୍ୟେକ୍ଷ ତତ୍ୱାବଧାନରେ ତତ୍‌କାଳୀନ ଜଳେଶ୍ୱର ତହସିଲଦାର ଓ ଦାନ୍ତୁନ ବିଡିଓ ବିଭିନ୍ନ ପର୍ଯ୍ୟୟରେ ସୀମା ଚିହ୍ନଟ କରିବାକୁ ମାପଚୁପ କରିଥିଲେ । କିନ୍ତୁ ଦୁଇ ପକ୍ଷ ଏକତ୍ରୀତ ହୋଇ ମାପଚୁପ କରିନଥିଲେ ମଧ୍ୟ ନଦୀ ଭିତରେ ପିଲର ପୋତାଯାଇଥିଲା । ଆଜି ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସୁଚାରୁ ବଳ, ଜଳେଶ୍ୱର ତହସିଲଦାର ମିହିର ରଂଜନ ବେହେରା, ବାଲେଶ୍ୱରର ବନ୍ଦୋବସ୍ତ ଅଧିକାରୀ, ଜଳେଶ୍ୱର ତହସିଲର ଶୁଭେନ୍ଦୁ ସାହୁ, ଆର୍‌ଆଇ ଦେବେଞ୍ଜନ ମହାନ୍ତି, ସାଗର ବାସ୍କେ, ସରୋଜ ଭଂଜ, ପ୍ରତପ ଭଂଜ, ସୁବଳ ପରିଡା, ନିରଞ୍ଜନ ସିଂ, ରାଧାଗୋବିନ୍ଦ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ମାପଚୁପ କରିଥିଲେ । ସେହିପରି ପଶ୍ଚିମ ମେଦିନୀପୁର ଜିଲାର ଅତିରିକ୍ତ ଜିଲାପାଳ ସୁମନ ଶୁଭ୍ରା ମହାନ୍ତିଙ୍କ ନେତୃତ୍ୱରେ ଦାନ୍ତୁନ ବିଡିଓ ଓ କର୍ମଚାରୀମାନେ ରହି ଏହି ମାପଚୁପରେ ଭାଗ ନେଇଥିଲେ । ଓଡିଶା ପକ୍ଷରୁ ୩୪ଟି ସୀମା ପିଲାର ଜିଡିପିଏସ୍ ମାଧ୍ୟମରେ ପୋତାଯାଇଥିବା ବେଳେ ପଶ୍ଚିମବଂଗର ୪୨ଟି ପିଲର ପୋତାଯାଇଥିଲା । ଆଜି ବିଳାସପୁରର ସଦରଘାଟଠାରୁ ସୁନାକଣିଆ ଏବଂ ବିଳାସପୁରରୁ ଗୋବରଘଟାଯାଏ ନଦୀ ମଧ୍ୟରେ ମାପଚୁପ କରାଯାଇଥିଲା ।

ଏହି ମାପଚୁପ ବେଳେ ୪ବର୍ଷ ପୂର୍ବରୁ ଚିହ୍ନଟ କରାଯାଇଥିବା ପିଲର ଗୁଡିକ ରହିଛି ଓ ତାହା ଠିକ୍‌ବୋଲି ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଚାରୁ ବଳ ଓ ମେଦିନପୁର ଉପଜିଲାପା ସୁମନ ଶୁଭ୍ରା ମହାନ୍ତି ସୂଚନା ଦେଇଛନ୍ତି । ସୀମା ଚିହ୍ନଟ ହେଲା ପରେ ଦୁଇ ରାଜ୍ୟ ପକ୍ଷରୁ ଏନ୍‌ଜିଟିରେ ଏହାର ନକଲ ଦାଖଲ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ୨୦୨୦ରେ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ ସୀମା ଅଂଚଳ ଗୁଡିକରେ ନଦୀରୁ ବାଲି ଉତ୍ତୋଳନ ଲାଗି କେତେକ ନିୟମ ସଂପର୍କରେ ପରାମର୍ଶ ଦେଇଥିଲେ । ସେଥିରେ ରେଗୁଲେଟିଂ ଏଣ୍ଡ ମନିଟାରିଂ ଅଫ ସାଷ୍ଟେନେବୁଲ ସେଣ୍ଡ ମାଇନିଂ ପଲିସି ୨୦୨୦ ପ୍ରସ୍ତୁତ ହୋଇଛି । ଜିଲାର ଜିଲାପାଳମାନେ ଏହି ଦାୟିତ୍ୱରେ ରହିବାକୁ ସ୍ଥିର କରାଯାଇଛି । ଫଳରେ ନିତିନିୟମ ଅନୁଯାୟୀ ବାଲି ଉତ୍ତୋଳନ ଲାଗି ପଥ ପରିଷ୍କାର ହୋଇଛି । ପଶ୍ଚିମବଂଗରେ କେତେକ ସୈରାତ ନିଲାମ ଲାଗି ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଜନସାଧାରଣଙ୍କୁ ଚାହିଦା ମୁତାବକ ବାଲି ଯୋଗାଯାଇ ପାରୁନାହିଁ ବୋଲି ମେଦିନୀପୁର ଅତିରିକ୍ତ ଜିଲାପାଳ କହିଛନ୍ତି । ସେହିପରି ଅତିଶୀଘ୍ର ଏନ୍‌ଜିଟିର ନିତୀ ନିୟମ ଏବଂ ନୂଆ ନିୟମ ଅନୁଯାୟୀ ବାଲି ଉତ୍ତୋଳନ ଆରମ୍ଭ ହୋଲ ଉପାନ୍ତରେ ଦୁଇ ରାଜ୍ୟ ଉପକୃତ ହୋଇପାରିବେ ବୋଲି ଉପସ୍ଥିତ ଥିବା ଜନସାଧାରଣ କହିଛନ୍ତି । ବାଲି ଉତ୍ତୋଳନ ହୋଇ ପାରୁନଥିବାରୁ ବ୍ୟାପକ ଚୋରାବାଲି ଚାଲାଣ ହେଉଛି ଓ ଏହାକୁ ରୋକାଯାଇପାରିବ ବୋଲି କହିଛନ୍ତି । ଆଜିର ଏହି ମାପଚୁପ ଓ ଆଲୋଚନା ଆସନ୍ତା ଦିନରେ ସମସ୍ୟାର ସମାଧାନ କରିବ ବୋଲି ଦୁଇ ଉପାନ୍ତବାସୀ କହିଛନ୍ତି । ଓଡିଶାରୁ ରାସବିହାରୀ ରଣା ଓ ଚନ୍ଦନ କର ଏହି ମାପଚୁପ ବେଳେ ସହାୟତା କରିଥିଲେ ।

ଗୋବରଘାଟିରେ ବୃଦ୍ଧାଙ୍କ ସଲୀଳ ସମାଧି

ବସ୍ତା, ୧୫/୦୧ (ନି.ପ୍ର): ବସ୍ତା ଥାନା ଗୋବରଘାଟି ଗ୍ରାମର ପାଣିରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ଏହି ଗ୍ରାମର ଉଦୀୟାମଣି ମଣ୍ଡଳ (୮୨) ଶନିବାର ସକାଳ ସମୟରେ ଶୋଉଚ ହେବାକୁ ଯାଇଥିବା ବେଳେ ହଠାତ୍ ଗୋଡ଼ ଖସିବାରୁ ବୁଡି ଯାଇଥିଲେ । ବୃଦ୍ଧା ଜଣକ ଘରକୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରି ନ ପାଇ ପାଖ ପୋଖରୀରେ ଉଦୀୟାମଣି ଭାସୁଥିବା ଦେଖିବାକୁ ପାଇଥିଲେ । ପରେ ତାଙ୍କୁ ଉଦ୍ଧାରକାରୀ ବସ୍ତା ଡାକ୍ତରଖାନା କୁ ଆଣିଥିଲେ । ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ଖବରପାଇ ବସ୍ତା ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

ମାଲ୍ୟବନ୍ତ ମହୋତ୍ସବ ନେଇ ଆୟୋଜିତ ହେଲା ପଥ ଉତ୍ସବ

ମାଲକାନଗିରି, ୧୫/୦୧ (ନି.ପ୍ର): ବାଲିମେଳା ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଂଚଳ ପଥ ଉତ୍ସବରେ ଭରି ଯାଇଥିଲା । ମାଲ୍ୟବନ୍ତ ମହୋତ୍ସବ ନେଇ ଏହି ପଥ ଉତ୍ସବ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିବା ବେଳେ ମଂଚରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ ଓ ତହସିଲଦାର ମାଲକାନଗିରି ଚନ୍ଦନ କୁମାର୍ ଭୋଇ ଉପସ୍ଥିତ ଥିଲେ । ଏହି ଅବସରରେ ବାଲ୍ୟ ବିବାହ ରୋକିବା ନିମନ୍ତେ ହସ୍ତାକ୍ଷର ଅଭିଯାନ, କୌତୁକ ପୋଷାକ ଓ ରଙ୍ଗୋଲି ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ତିନୋଟି ମଂଚ କରାଯାଇ ନୃତ୍ୟ ଗୀତ ଓ ନାଟକ ପରିବେଷଣ କରାଯାଇଥିଲା । ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ମାଲକାନଗିରିର ଯୁବ ବାଲୁକା ଶିଳ୍ପୀ ମୁକା କବାସୀ ବାଲୁକାରେ ବାଲ୍ୟ ବିବାହ ରୋକିବା ଉପରେ ସଚେତନତା ବାର୍ତା ଆଙ୍କିଥିଲେ । ସେହିପରି ସଡ଼କ ସଚେତନତାକୁ ନେଇ ମଧ ଅନୁରୂପ ଭାବେ ସୁନ୍ଦର ବାର୍ତାକୁ ସ୍ଥାନ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିଶା ନିବାରଣ ଉପରେ ଏକ ନାଟକ ପରିବେଷଣ ହୋଇଥିଲା । ଏଠାରେ ସ୍ୱତନ୍ତ୍ର ଆକର୍ଷଣ ଥିଲା ବିଏସଏଫର ଡଗ୍ ସୋ ଏବଂ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ।

ଶାନ୍ତିକାନନରେ ଫକୀରମୋହନଙ୍କ ୧୮୧ତମ ଜୟନ୍ତୀ ପାଳନ

ଓଡ଼ିଆ ଭାଷା ଓ ଜାତିର ତ୍ରାଣକର୍ତ୍ତା ହେଉଛନ୍ତି ଫକୀରମୋହନ : ବିଶ୍ୱଭୂଷଣ

ବାଲେଶ୍ୱର, ୧୫/୦୧ (ନି.ପ୍ର): ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ତଥା ଫକୀରମୋହନ ସାହିତ୍ୟ ପରିଷଦର ୭୬ତମ ପ୍ରତିଷ୍ଠା ଉତ୍ସବ ତଥା ରତ୍ନୋତ୍ସବର ଦ୍ୱିତୀୟ ଦିବସ କବିତୀର୍ଥ ଶାନ୍ତିକାନନଠାରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ଆନ୍ଧ୍ରପ୍ରଦେଶର ମହାମହିମ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ ଗୋଟିଏ ଜାତିର ପରିଚୟ ହେଉଛି ତା'ର ଭାଷା । ଫକୀରମୋହନ ଯଦି ନ ଥାଆନ୍ତେ ତେବେ ଇଂରେଜମାନଙ୍କ ହୀନ ଚକ୍ରାନ୍ତଯୋଗୁଁ ଆମ ଓଡ଼ିଆ ଭାଷା ଲୋପ ପାଇବା ସହିତ ଓଡ଼ିଆ ଜାତି ନିଜର ପରିଚୟ ହରାଇ ବସିଥାଆନ୍ତା । ଯେତେବେଳେ ଭାଷାଜନିତ କୌଣସି ସଂକଟ ଦେଖାଦିଏ ସେତେବେଳେ ଆମେ ସମସ୍ତେ ଦୃଢ଼କଣ୍ଠରେ ତାର ପ୍ରତିବାଦ କରିବା ଉଚିତ । ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ଓଡ଼ିଶା ଉପଦେଷ୍ଟା ବୋର୍ଡର ଆବାହକ ଡ. ବିଜୟାନନ୍ଦ ସିଂହ ଯୋଗ ଦେଇ ଫକୀରମୋହନଙ୍କୁ ସମଗ୍ର ଭାରତୀୟ ଭାଷାସାହିତ୍ୟର ସେନାପତି ରୂପେ ଚିତ୍ରଣ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଫକୀରମୋହନ ସାହିତ୍ୟ ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ଉନ୍ମୋଚିତ ହୋଇଥିଲା । ପରିଷଦର ସର୍ବୋଚ୍ଚ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ'ରେ ଯଶସ୍ୱୀ ସାରସ୍ୱତ ସାଧକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରତ୍ୟାଶା ଧଳଙ୍କୁ ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ ସାହିତ୍ୟର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବସନ୍ତ କୁମାର ପଣ୍ଡା, ଡ. ରବୀନ୍ଦ୍ର କୁମାର ବିହାରୀ, ମମତା ଦାଶ, ସତ୍ୟ ମିଶ୍ର, ଡ. ମୌସୁମୀ ପରିଡ଼ା, ମନ୍ମଥ ଶତପଥୀ, ବସନ୍ତ କୁମାର ଦାସ, ଅରୁଣ ହୋତା, ବ୍ୟଙ୍ଗବାରୁଦ ଶ୍ରୀଅବାଗିଆ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରୀତୀଶ ଆଚାର୍ଯ୍ୟ, ଲାବଣ୍ୟ ଶବର, ଚନ୍ଦ୍ରମୋହନ ମହାପାତ୍ର, ରମାକାନ୍ତ ଜେନା, ପ୍ରଦୀପ କୁମାର ମିଶ୍ର, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ଓ ପ୍ରିୟବ୍ରତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୀତିକାର ରମାକାନ୍ତ ଦାସ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ ହୋଇଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଶେଷକଥା ରଖିଥିଲେ । ଅପରାହ୍ଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଏକ ଆଲୋଚନା ସଭା ସଭାମୁଖ୍ୟ ଭରତ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । 'ଅକ୍ଷାଂଶ'ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ବରଣ୍ୟେ ବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଗାଳ୍ପିକ ନିବାରଣ ଜେନା ଯୋଗ ଦେଇଥିଲେ । ରାଜେଶ ଗିରି ଶେଷକଥା ରଖିଥିଲେ । ସନ୍ଧ୍ୟାରେ ଡ. ହରିଶ୍ଚନ୍ଦ୍ର ବେହେରା ରଚିତ ଓ ହେମେନ୍ଦ୍ର ମହାପାତ୍ର ନିର୍ଦ୍ଦେଶିତ ନାଟକ 'ରେବତୀ' ପରିଷଦର ମହିଳା ସଦସ୍ୟାମାନଙ୍କଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଦିବସବ୍ୟାପି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ଉତ୍ତମ୍ବର ଆନୁକୂଲ୍ୟରେ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର, ୧୫/୦୧ (ନି.ପ୍ର): ଭଲିବଲ ଏସୋସିଏସନ ଉତମ୍ବର ଅନୁକୂଲ୍ୟରେ ୩୯ ତମ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏସୋସିଏସନର ସଭାପତି ଶ୍ରୀ ଜୟନ୍ତ ମଣ୍ଡଳ ଏବଂ ଉପସଭାପତି ବିନୋଦ ବିହାରୀ ଜେନା ତଥା ମୁଖ୍ୟ ଅତିଥି ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଉଦ୍ଘାଟନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଭଦ୍ରକ, ଦୋଳ ଗହିରା , ବାରିପଦା, ପାଇକସାହି ଏହିପରି ୪ଟି ଟିମ୍ ଅଂଶଗ୍ରହଣ କରିଥିଲେ । ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଏସୋସିଏସନର ସମସ୍ତ ମେମ୍ବର ଯଥା ଦୀନବନ୍ଧୁ ଦାସ, ନାରାୟଣ ଦାସ, ଦେବେନ୍ଦ୍ର ଜେନା, ହେମନ୍ତ ବିଶ୍ୱାଳ, ମନୋଜ କୁମାର ଜେନା, ସୌମ୍ୟରାଜ ଜେନା,ଦେବାଶିଷ ଜେନା, ଶିବାନନ୍ଦ ବାରିକ, ଜୀବନ କୁମାର ଦାସ, ବିନୋଦ ଦାସ, ଚକ୍ରଧର ବିଶ୍ୱାଳ, ସୁଜିତ୍ ବେହେରା, ହିମାଂଶୁ ବିଶ୍ୱାଳ, ତାପସ ଦାସ, ପ୍ରଶାନ୍ତ ଚରଣ ଦାସ, ପ୍ରମୁଖ ଯୋଗ ଦେଇଥିଲେ । ରେଫ୍ରି ଭାବରେ କମଳା କାନ୍ତ ବେହେରା , ରବୀନ୍ଦ୍ର ଖଟୁଆ, ସନ୍ତୋଷ ମଲ୍ଲିକ ଓ ଅବିନାଶ ଜେନା ଯୋଗ ଦେଇଥିବା ବେଳେ ସ୍କୋରର ଭାବେ ରବୀନ୍ଦ୍ର ଦାସ ଓ କମେଣ୍ଟେଟର ଭାବେ ଅଜିତ କୁମାର ପଣ୍ଡା ଯୋଗ ଦେଇଥିଲେ । ଅତିଥି ମାନଙ୍କ ମଧ୍ୟରେ ରତ୍ନାକର ପଣ୍ଡା, ଅବନିକାନ୍ତ ପ୍ରଧାନ, ଦାମୋଦର ବିଶ୍ୱାଳ, ଲକ୍ଷ୍ମଣ ନାୟକ,ମହେଶ୍ୱର ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ ।

ଚାଉଳତି ଗ୍ରାମରେ ଗଙ୍ଗା ଉତ୍ସବ ଓ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୧୫/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତର ଚାଉଳତି ଗ୍ରାମରେ ମକର ସଂକ୍ରାନ୍ତି ଉପଲକ୍ଷେ ଗଙ୍ଗା ମାତାଙ୍କ ପୂଜା ଅନୁଷ୍ଠିତ ହୋଇଛି ।ଏହି ଗଙ୍ଗା ଉତ୍ସବ ଅବସରରେ ସ୍ଥାନୀୟ କ୍ରିକେଟ ପଡ଼ିଆରେ କ୍ରିକେଟ ମ୍ୟାଚ ଉଦଘାଟିତ ହୋଇଯାଇଛି । ଦୀର୍ଘ ଆଠଟି ଟିମ ଭାଗ ନେବା ନେଉଥିବା ଏଇ ମ୍ୟାଚ ଚାରିଦିନ ଧରି ଅନୁଷ୍ଠିତ ହେବ । ଉଦଘାଟନୀ ମ୍ୟାଚରେ ଜୟ ଜଗନ୍ନାଥ କ୍ରିକେଟ କ୍ଲବକୁ ହରାଇ ପଞ୍ଚୁପାଲି ସୁପର ଫାଇଟର ଚମ୍ପିୟାନ ହୋଇଥିଲେ । ଏମ୍ପାୟାର ଆମର ବର ଉଦଘାଟନ କରିଥିଲେ । ପୂଜା କମିଟିର ସଭାପତି ଭଗିରଥ ମଣ୍ଡଳ ଓ ସମ୍ପାଦକ ରବୀନ୍ଦ୍ର ମଣ୍ଡଳ ଉତ୍ସବ ପରିଚାଳନା କରିଥିବା ବେଳେ ଚକ୍ରଧର ଜେନା ବିଜୟ ଜେନା, ଚନ୍ଦନ ସେଠି, ବଳରାମ ମଣ୍ଡଳ, କାଳିପଦ ମଣ୍ଡଳ, ଚନ୍ଦନ ସେଠି ମ୍ୟାଚ ପରିଚାଳନା କରିଥିଲେ ।

ସଡ଼କ ସୁରକ୍ଷା ସପ୍ତାହ ପାଳନ

ଭଦ୍ରକ, ୧୫/୦୧ (ନି.ପ୍ର): ଭାରତ ସରକାରଙ୍କ ଗମନା ଗମନ, ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରାଳୟ ଆନୁକୂଲ୍ୟରେ ଜାନୁୟାରୀ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶ ତମାମ୍ ପାଳନ କରାଯାଉଥିବା ଜାତୀୟ ସଡ଼କ ସୁରକ୍ଷା ସପ୍

ଶରୀର ପାଇଁ ଫିଜିଓଥେରାପିର ଆବଶ୍ୟକତା କ'ଣ ?

ଆମେ ଜାଣୁ ଯେ ମନ ସୁସ୍ଥ ରହିଲେ ହିଁ ଶରୀର ସୁସ୍ଥ ହୋଇ ରହିଥାଏ । ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ଯାହାକୁ ଜଣେ ବ୍ୟକ୍ତି ଯତ୍ନ ନେବା ଉଚିତ୍ । ତିନୋଟି ମୁଖ୍ୟ ଉପାଦାନ ଦ୍ୱାରା ଏକ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷଣାବେକ୍ଷଣ କରାଯାଇପାରିବ ଏବଂ ସେଗୁଡ଼ିକ ହେଉଛି ଖାଦ୍ୟ, ନିଦ୍ରା ଏବଂ ବ୍ୟାୟାମ । ବର୍ତ୍ତମାନ ଆମେ ଦିନକୁ ଦିନ ଜୀବନରେ ବହୁତ ବ୍ୟସ୍ତ ରହୁଛେ ଓ ଏହି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସମୟରେ ଆମେ ଆମର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଭୁଲିଯାଉଛେ । ଖାଦ୍ୟ ଓ ନିଦ୍ରା ସହ ଦୈନନ୍ଦିନ ବ୍ୟାୟାମ ଆମକୁ ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ବ୍ୟାୟାମ କେବଳ ଆମର ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇନଥାଏ ବରଂ ମାନସିକ ସୁସ୍ଥତାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ଏହି କୋଭିଡ୍ -୧୯ ମହାମାରୀ ସମୟରେ, ଘରୁ ଅଫିସ୍ କାର୍ଯ୍ୟ କରିବା ଦ୍ୱାରା କାନ୍ଧ, ବେକ ଏବଂ ପିଠିରେ ଯନ୍ତ୍ରଣା ହେଉଛି ଏବଂ ଏହା ଦିନକୁ ଦିନ ବୃଦ୍ଧି ପାଉଛି ।

ବସିବାର ସ୍ଥିତି ଯୋଗୁଁ ମୁଖ୍ୟତଃ ଯନ୍ତ୍ରଣା ହୁଏ । ଭୁଲ୍ ଢଙ୍ଗରେ ବସିବା ଯୋଗୁଁ ମାଂସପେଶୀ ଉପରେ ଚାପ ପଡିଥାଏ । ମାଂସପେଶୀ ଉପରେ ଦୀର୍ଘ ସମୟ ଧରି ଚାପ ପଡିବା ଦ୍ୱାରା ମାଂସପେଶୀକୁ ଦୁର୍ବଳ କରିଥାଏ । ମାଂସପେଶୀ-ସ୍କେଲେଟାଲ୍ ସିଷ୍ଟମରେ ବିଭିନ୍ନ ପ୍ରଦାହଜନକ ପରିବର୍ତ୍ତନ ହୁଏ । ଏହି ଅବସ୍ଥାରେ ରୋଗୀମାନେ ମଧ୍ୟମରୁ ପ୍ରବଳ ଯନ୍ତ୍ରଣା ଅନୁଭବ କରନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଷ୍ଟ୍ରେସ୍, ଶରୀରର ସନ୍ତୁଳନ ଏବଂ ଫିଟନେସ୍ ବ୍ୟାୟାମ ଦ୍ୱାରା ଘରେ ଚିକିତ୍ସା କରାଯାଇପାରିବ ।

ଏସବୁ ପରେ ଯଦି ଯନ୍ତ୍ରଣା ଜାରି ରହେ, ତେବେ ଫିଜିଓଥେରାପିଷ୍ଟଙ୍କ ସହ ପରାମର୍ଶ କରିବା ଉଚିତ୍ । ଯନ୍ତ୍ରଣା ଉପଶମ କରିବାରେ ଫିଜିଓଥେରାପିଷ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏହି ଅବସ୍ଥାରେ ଥେରାପିଷ୍ଟର ମୁଖ୍ୟ କାର୍ଯ୍ୟ ହେଉଛି ଉପଯୁକ୍ତ ଥେରାପି ଯୋଗାଇବା, ରୋଗୀଙ୍କୁ ବିଭିନ୍ନ ପୁଷ୍ଟିକର ସପ୍ଲିମେଣ୍ଟ ଏବଂ ଜୀବନଶୈଳୀ ପରିବର୍ତ୍ତନ ପାଇଁ ପୁନରୁଦ୍ଧାର ଦିଗରେ ମାର୍ଗଦର୍ଶନ କରିବା । ଫିଜିଓଥେରାପିଷ୍ଟ କେବଳ ଯନ୍ତ୍ରଣା ଉପଶମ କରାଇବାରେ ପରାମର୍ଶ ଦେଇନଥାନ୍ତି ବରଂ ପକ୍ଷାଘାତ, ପାର୍କିନ୍ସନ୍ ରୋଗ, ଲିଗାମେଣ୍ଟସରେ ଆଘାତକୁ ଉପଶମ କରାଇବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଆମାଜନ ଫୁଟନ୍ତା ନଦୀ

ପେରୁ ଦେଇ ପ୍ରବାହିତ ସୁଦୀର୍ଘ ଆମାଜନ ନଦୀର ଏକ ଉପନଦୀ ହେଉଛି 'ସାନାୟ-ଟିମ୍ପିସ୍କା' । ଏହାର ପାଣିର ତାପମାତ୍ରା ୪୫-୧୦୦ ଡିଗ୍ରି ରହୁଥିବାରୁ ଏହି ନଦୀକୁ 'ସୌର ତାପରେ ଫୁଟୁଥିବା ନଦୀ' କୁହାଯାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ନଦୀରେ ପଡ଼ିଲେ ଯେକୌଣସି ଜୀବର ମୃତ୍ୟୁ ସୁନିଶ୍ଚିତ । ନଦୀର ପ୍ରାୟ ଚାରି ମାଇଲ୍ ଦୀର୍ଘ ଅଂଶରେ ପାଣି ଫୁଟନ୍ତା ଅବସ୍ଥାରେ ଥିବା ସହିତ ଜଳପୃଷ୍ଠକୁ ବାଷ୍ପର ଏକ ଆସ୍ତରଣ ଢାଙ୍କି ରହିଥାଏ । କେନ୍ଦ୍ରୀୟ ପେରୁର ମାୟାନ୍ତୁୟାକୁ ନାମକ ଅଞ୍ଚଳର ଆଦିବାସୀମାନେ ଏହି ନଦୀକୁ ସୁରକ୍ଷିତ ରଖିଛନ୍ତି ।

ସ୍ଥାନୀୟ କିଂବଦନ୍ତି ଅନୁସାରେ 'ୟାକୁମାମା' ନାମ୍ନୀ ବିଶାଳ ସର୍ପ ଦେବୀ ଏହି ଉତ୍ତପ୍ତ ପାଣିକୁ ଜନ୍ମ ଦେଇଥାନ୍ତି । ତେଣୁ ଏହାର ପାଣି ବିଭିନ୍ନ ରୋଗର ଉପଚାର କରିବାକୁ ସକ୍ଷମ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ । ପୃଥିବୀର ଅନେକ ସ୍ଥାନରେ ଫୁଟନ୍ତା ଜଳାଶୟ ରହିଛି, କିନ୍ତୁ ସେଗୁଡ଼ିକ ସାଧାରଣତଃ ସକ୍ରିୟ ଆଗ୍ନେୟଗିରି ନିକଟରେ ଅବସ୍ଥିତ । ଆଶ୍ଚର୍ଯ୍ୟର କଥା ଯେ ଏହି ନଦୀର ୪୦୦ ମାଇଲ୍ ପରିସୀମା ମଧ୍ୟରେ କୌଣସି ଆଗ୍ନେୟଗିରି ନାହିଁ । ଏହା ସତ୍ତ୍ୱେ କେଉଁଠାରୁ ଏତେ ମାତ୍ରାରେ ତାପଜ ଶକ୍ତି ମିଳୁଛି ତାହା ଅସ୍ପଷ୍ଟ ରହିଛି । କିଛି ଭୂବିଜ୍ଞାନୀଙ୍କ ମତ ଯେ ନଦୀ ନିକଟସ୍ଥ ଭୂପୃଷ୍ଠରେ ଫାଟର ଅବସ୍ଥିତି ଯୋଗୁଁ ବର୍ଷା ପାଣି ଭୂଗର୍ଭକୁ ଯାଇ ଉତ୍ତପ୍ତ ହୋଇଥାଏ ଏବଂ ପୁଣି ବିଭିନ୍ନ ଫାଟ ଯୋଗେ ଉପରକୁ ଉଠି ନଦୀରେ ମିଶିଥାଏ ।

ଆଙ୍ଗୁଠି ଟଣା ଖେଳ

ଗୋଡ ଟଣାଟଣି କରିବା କଥା ଆପଣମାନେ ଜାଣିଥିବେ, କିନ୍ତୁ କେବେ ଆଙ୍ଗୁଠି ଟଣାଟଣି କରିବା କଥା ଶୁଣିଛନ୍ତି କି ? ଯଦି ନାଁ ତାହେଲେ ଆପରାଙ୍କୁ ଜର୍ମାନୀ ଯାଇ ଏହା ଦେଖିବା ନିଶ୍ଚିତ ଦରକାର । ଏଠାରେ ଶାବରୀୟ ରାଜ୍ୟର ବହୁଗୋଲାକଙ୍କୁ ପରସ୍ପରର ଆଙ୍ଗୁଠି ଟାଣିବାର ଦେଖିବାକୁ ମିଳିବ । ସୂଚନାମୂତାବକ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ ଜର୍ମାନୀ, ଫିନଲ୍ୟାର୍ଡ, ଶାବରୀୟା ଆଦି ସ୍ଥାନରେ ବହୁ ବର୍ଷ ପୂର୍ବରୁ ହୋଇଥିଲା । ତେବେ ଆବରୀୟାର ଏକ ଗ୍ରାମରେ ଥିବା ଦୁଇ ପରିବାର ମଧ୍ୟରେ ବହୁ ଦିନ ଧରି ଚାଲିଥିବା ଏକ ବିବାଦକୁ ସମାଧାନ କରିବାକୁ ଯାଇ ଗାଁର ମୁଖିଆମନେ ଏକ ଭିନ୍ନ ରାସ୍ତା ବାଛିଥିଲେ । ସେମାନେ ଉଭୟ ପରିବାର ର ସଦସ୍ୟଙ୍କ ଭିତରେ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ କରିଦେଲେ । ତେବେ ଯେଉଁ ପକ୍ଷ ଏହି ଖେଳରେ ଜିତିଥିଲା ତାହାତରେ ସମାଧାନର ଭାର ରଖାଯାଇଥିଲା ଏବଂ ଏହା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସମାଧାନର ବାଟ ବାହାରିବା ସହ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ହୋଇଥିଲା । ତେବେ ଧୀରେଧୀରେ ଏହି ଖେଳଟିର ଲୋକପ୍ରିୟତା ବଢ଼ିବାର ଲାଗିଲା ଏବଂ ଏହି ଖେଳକୁ ୟୁରୋପିୟନମାନେ ମଧ୍ୟ ଖେଳିବାକୁ ଲାଗିଲେ । ଏହି ଖେଳର ନାମଥିଲା "ଫିଙ୍ଗରଫାଇଟ୍", "ଫିଙ୍ଗରପୁଲିଙ୍ଗ", ଫିଙ୍ଗର ରେସ୍ଲିଙ୍ଗ" କିମ୍ବା "ଫିଙ୍ଗରହାକଲେନ" । ତେବେ ଏହି "ଫିଙ୍ଗରହାକଲେନ" ଖେଳର ଅଭ୍ୟାସ ସମୟରେ ଦୁଇ ବିପକ୍ଷ ଦଳ ପରସ୍ପରର ବୀପରିତ ଟେବୁଲରେ

ବସନ୍ତି ଏବଂ ପ୍ରତିଦ୍ୱନ୍ଦୀ ଦଳ ଟେବୁଏର ବୀପରୀତ କୋଣକୁ ଆଙ୍ଗୁଠିକୁ ଧରି ଟାଣିବାକୁ ଚେଷ୍ଟା କରନ୍ତି । ତେବେ ଏହି ଖେଳଟିକୁ ଖେଳିବା ପାଇଁ ଯ୍ରେନିଙ୍ଗ ମଧ୍ୟ ଦିଆଯାଉଅଛି । ଲୋକମାନେ ଘଣ୍ଟ ଘଣ୍ଟା ଧରି ପରିଶ୍ରମ କରନ୍ତି ପରସ୍ପରକୁ ହରାଇବା ପାଇଁ ଏଥିସହ ନୂଆ ନୂଆ ପ୍ରଣାଳୀ ମଧ୍ୟ ଶିଖନ୍ତି ।

ବିଶ୍ୱର ଉଚ୍ଚତମ ନଦୀପୋଲ୍

ପୃଥିବୀର ସବୁଠୁ ଉଚ୍ଚ ନଦୀପୋଲ ଏବେ ଆମ ଭାରତରେ ନିର୍ମାଣ ଚାଲିଛି । ଜାମ୍ମୁକାଶ୍ମୀରର ରିଆସି ଜିଲ୍ଲା ଅନ୍ତର୍ଗତ ବକ୍କାଲ ଓ କାଉରି ମଧ୍ୟରେ ଚେନାବ୍ ନଦୀ ଉପରେ ନିର୍ମାଣାଧୀନ ଏହି ନଦୀପୋଲ ଆସନ୍ତା ବର୍ଷ ଡିସେମ୍ବର ବେଳକୁ ଲୋକାର୍ପିତ ହେବ ବୋଲି ଆଶା କରାଯାଉଛି । ନଦୀଶଯ୍ୟା ଠାରୁ ୩୫୯ ମିଟର ବା ୧,୧୭୮ ଫୁଟ ଉଚ୍ଚ ତଥା ନଦୀର ଜଳସ୍ତର ଠାରୁ ୩୨୨ ମିଟର ବା ୧.୦୫୬ ଫୁଟ ଉଚ୍ଚରେ ଯାଇଥିବା ଏହି ପୋଲର ନିର୍ମାଣକାର୍ଯ୍ୟ ୨୦୧୭ ନଭେମ୍ବରରୁ ଆରମ୍ଭ ହୋଇଥିବା ବେଳେ ଗତ ଏପ୍ରିଲ ମାସରେ ଏହାର ଚାପ ନିର୍ମାଣ ସରିଛି । ଜାମ୍ମୁ ନିକଟ ଉଦ୍ଧାମପୁର ଓ କାଶ୍ମୀରର ବାରମୂଳାକୁ ସଂଯୋଗ କରୁଥିବା ଏହି ପୋଲର ମୋଟ ଦୈର୍ଘ୍ୟ ୧,୩୧୫ ମିଟର ଥିବା ବେଳେ ଚାପର ଦୈର୍ଘ୍ୟ ୪୮୦ ମିଟର ରହିଛି । ତେବେ ପାର୍ବତ୍ୟାଞ୍ଚଳରେ ମୂଳ ପୋଲ ନିର୍ମାଣ କରିବାର କଠିନତା ସାଙ୍ଗକୁ ଏହାର ସଂଯୋଗ ପାଇଁ ମୋଟ ୬୩ କିମିର ସଂଖ୍ୟାଧିକ ସୁଡ଼ଙ୍ଗ ଓ ସାଢ଼େ ୭ କିମି ଦୈର୍ଘ୍ୟର ଏକାଧିକ ଛୋଟ ଛୋଟ ପୋଲ ନିର୍ମାଣ ପରି କଷ୍ଟସାଧ କାର୍ଯ୍ୟ ମଧ୍ୟ ରହିଛି । ଭାରତୀୟ ରେଳବାଇ ଦ୍ୱାରା ନିର୍ମାଣ ଚାଲିଥିବା ଏହି ପୋଲର ବ୍ୟୟ ଅଟକଳ ୫୧୨ କୋଟି ଟଙ୍କା ରହିଛି ।

ଶୀତଦିନେ ମାଛ ଖାଆନ୍ତୁ: ହାଡଭଙ୍ଗା ଥଣ୍ଡା ମଧ୍ୟ କରିବ ନାହିଁ ଅସୁବିଧା

କିଛି ଲୋକ ଶୀତଦିନକୁ ବହୁତ ପସନ୍ଦ କରଥାନ୍ତି, କିନ୍ତୁ ଶୀତଦିନେ ଅନେକ ପ୍ରକାରର ସମସ୍ୟା ଦେଖାଯାଇଥାଏ । ଏହି ସମୟରେ, ବିଭିନ୍ନ ରୋଗ ଆପଣଙ୍କୁ ଧରିବା ଆରମ୍ଭ କରେ । ଶୀତ ଦିନିଆ ରୋଗରୁ ରକ୍ଷା ପାଇବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ଆମର ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ଏବଂ ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ଅନ୍ତର୍ଭୁକ୍ତ କରିବାକୁ ଭୁଲନ୍ତୁ ନାହିଁ । ମତ୍ସ୍ୟ ଶୀତଦିନର ମୌସୁମୀ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ, ଯଦି ଆପଣ ଖାଦ୍ୟରେ ମାଛ ଅନ୍ତର୍ଭୁକ୍ତ କରନ୍ତି, ତେବେ ଏହା ସେହି ସମସ୍ତ ପୋଷକ ତତ୍ତ୍ୱର ଅଭାବକୁ ପୂରଣ କରିଥାଏ, ଯାହାର ଅଭାବ ଆପଣଙ୍କ ଫିଟନେସରେ ବାଧା ସୃଷ୍ଟି କରିଥାଏ ।

୧. ମାଛ ଖାଇବା ଶରୀରରେ ଅତ୍ୟାବଶ୍ୟକ ଓମେଗା -୩ ଫ୍ୟାଟି ଏସିଡର ଅଭାବ ପୂରଣ କରେ ଯାହା ଆଖି ଦୃଷ୍ଟିକୁ ସୁସ୍ଥ ରଖେ । ବିଶେଷ କରି ଶୀତଦିନେ ଟୁନା ମାଛ, ସଲମାନ ଏବଂ ମାକେର୍ ଆବଶ୍ୟକ । ଥଣ୍ଡା ପାଗରେ ଚର୍ମ ସମସ୍ୟା ବଢ଼ିବାରେ ଲାଗିଥାଏ । ଏହି ସମୟରେ ଚର୍ମ ଶୁଷ୍କ ହୋଇଯାଏ ଏବଂ ଚର୍ମର ଚମକ ମଧ୍ୟ ରହିନଥାଏ । ତେବେ ମାଛରେ ଥିବା ଓମେଗା -୩ ଏବଂ ଓମେଗା -୬ ଫେରିଯାଇଥିବା ଚମକକୁ ଫେରାଇ ଆଣିବାରେ ସାହାଯ୍ୟ କରେ । ଏଥିରେ ଥିବା ଭିଟାମିନ୍ ଏବଂ ମିନେରାଲ୍ସ ସହିତ ଭିଟାମିନ୍ ବି ୧୨ ଏବଂ ଓମେଗା -୩ ଫ୍ୟାଟି ଏସିଡ୍ ମଧ୍ୟ ଆମକୁ କର୍କଟ ଭଳି ବିପଦଜନକ ରୋଗରୁ ରକ୍ଷା କରିଥାଏ ।

୨. ଏହିପରି ପୋଷକ ତତ୍ତ୍ୱ ସଲମାନ ମାଛରେ ମିଳିଥାଏ ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଓମେଗା -୩ ଉଚ୍ଚ କୋଲେଷ୍ଟ୍ରଲ ବିରୁଦ୍ଧରେ ପ୍ରଭାବ ଦେଖାଏ ଯାହା ହୃଦରୋଗର ଆଶଙ୍କା ହ୍ରାସ କରିଥାଏ । ଓମେଗା ଫ୍ୟାଟି ଏସିଡ୍ ମଧ୍ୟ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ । ଏହାକୁ ଖାଇବା ଦ୍ୱାରା ସ୍ମୃତିର ଉନ୍ନତି ହୋଇଥାଏ । ଏହା ବ୍ୟତୀତ ଏହା ଶରୀରର ପ୍ରଦାହ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।

୩. ଶୀତଦିନେ, କାଶ ଏବଂ ଥଣ୍ଡା ସହିତ ଜଡିତ ଅନେକ ସମୟରେ ସମସ୍ୟା ଦେଖାଯାଏ । ଶ୍ୱାସକ୍ରିୟା ସହିତ ଜଡିତ ଏହି ସମସ୍ୟାଗୁଡ଼ିକରେ ଏହାର ପ୍ରଭାବ ମଧ୍ୟ ଦର୍ଶାଏ ଶ୍ୱାସକ୍ରିୟା ସଂକ୍ରମଣରେ ଓମେଗା -୩ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ ।

କାହିଁକି ଏହି ୫ଟି ଫଳକୁ ଫ୍ରିଜରେ ରଖିବା ଉଚିତ୍ ନୁହେଁ ? ଜାଣନ୍ତୁ ଏହା ପଛର କାରଣ

ବର୍ତ୍ତମାନ ସମୟରେ ଫ୍ରିଜରେଟର ଆମର ଦୈନନ୍ଦନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି । କାରଣ ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ଫ୍ରିଜ ଏକ ଅତ୍ୟନ୍ତ ଉପଯୋଗୀ ସାମଗ୍ରୀ ହୋଇ ପାରିଛି । ଯେଉଁଥିରେ ଆମେ ପନିପରିବା ଠାରୁ ଆରମ୍ଭ କରି ଖାଦ୍ୟ ଏପରି କି ବିଭିନ୍ନ ଫଳ ରଖିଥାଉ । କିନ୍ତୁ ଆପଣମାନେ ଜାଣଛନ୍ତି କି ଏପରି ବି କିଛି ଫଳ ଅଛି ଯାହାକୁ ଫ୍ରିଜରେ ରଖିବା ଉଚିତ୍ ନୁହେଁ । ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ସବୁ ଫଳକୁ ଫ୍ରିଜରେ ରଖିବା ଉଚିତ୍ ନୁହେଁ ଏବଂ କାହିଁକି ।

୧. କଦଳୀ: କଦଳୀକୁ ସାଧାରଣ ତାପମାତ୍ରାରେ ରଖିବା ଭଲ, ଯଦି ଏହାକୁ ରେଫ୍ରିଜରେଟରରେ ରଖାଯାଏ, ତେବେ ଏହା କଳା ହୋଇଯିବା ସହ ଶୀଘ୍ର ନଷ୍ଟ ହୋଇଯାଏ । ଏହି ଫଳରୁ ଇଥିଲିନ୍ ଗ୍ୟାସ୍ ନିର୍ଗତ ହୁଏ ଯେଉଁଥିପାଇଁ ଅନ୍ୟ ଫଳଗୁଡିକ ଶୀଘ୍ର ପାଚିପାରେ ।ତେଣୁ ଏହାକୁ ଓଫ୍ରିଜରେ ରଖନ୍ତୁ ନାହିଁ ।

୨. ସେଓ: ସୋଓ ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଫଳ ଭାବରେ ବିବେଚନା କରାଯାଏ । କିନ୍ତୁ ଆପଣ ଯଦି ସେଓକୁ ଫ୍ରିଜରେ ରଖନ୍ତି, ତେବେ ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ୍ ନଷ୍ଟ ହୋଇଯାଇଥାଏ । ଯାହାଫଳରେ ଏହାକୁ ସେବନ କରିବା ଦ୍ୱାରା ଶରୀରକୁ କୌଣସି ବଲାଭ ମିଳିନଥାଏ । ତେଣୁ ସେଠକୁ ଫ୍ରିଜରେ ରଖନ୍ତୁ ନାହିଁ । ଯଗି ଅଧିକ ମାତ୍ରାରେ ସେଓ ଆଣିଛନ୍ତି ତେବେ ଏହାକୁ କାଗଜରେ ଗୁଡାଇ ରଖନ୍ତୁ ।

୩. ତରଭୁଜ: ତରଭୁଜରେ ଜଳର ମାତ୍ରା ବହୁତ ଅଧିକ ରହିଥାଏ । ତେଣୁ ଏହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରେ । ଯେହେତୁ ଏହାର ଆକାର ବହୁତ ବଡ, ଆମେ ଏହାକୁ ଗୋଟିଏ ଥର ଖାଇ ପାରନ୍ତି ନାହିଁ । ତେଣୁ ଆମେ କିଛି ଅଂଶ କାଟି ଫ୍ରିଜରେ ରଖନ୍ତି । କିନ୍ତୁ ଏପରି କରିବା ଦ୍ୱାରା ଏହି ଫଳରେ ଉପସ୍ଥିତ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପୋଷକ ତତ୍ତ୍ୱ ନଷ୍ଟ ହୋଇପାରେ ।

୪. ଲିଚି: ଲିଚି ମଧ୍ୟ ଏପରି ଏକ ଫଳ ଯହାକୁ କେବେ ବି ଫ୍ରିଜରେ ରଖିବା ଉଚିତ୍ ନୁହେଁ । କାରଣ ଏହାକୁ ଫ୍ରିଜରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ଏହା ଭିତର ପଟରୁ ନଷ୍ଟ ହେବାକୁ ଲାଗେ ଏବଂ ଏହାର ପୁଷ୍ଟିକର ଖାଦ୍ୟ ସମାପ୍ତ ହୋଇଯାଏ । ତେଣୁ ଏହାକୁ ବଜାରରୁ ଆଣିବା ପରେ ତୁରନ୍ତ ସେବନ କରିଦିଅନ୍ତୁ ।

୫. ଆମ୍ବ: ଯଦି ଗ୍ରୀଷ୍ମ ଋତୁରେ ଆମ୍ବ ଖାଆନ୍ତି ନାହିଁ, ତେବେ ଏହିଋତୁ ଅସମ୍ପୂର୍ଣ୍ଣ ପରି ମନେହୁଏ । ଯେହେତୁ ଆମ୍ବ ଶୀଘ୍ର ପାଚିବା ପରେ ନଷ୍ଟ ହୋଇଯାଏ ତେଣୁ ଆମେ ଏହାକୁ ଫ୍ରିଜରେ ରଖିଥାଉ । କିନ୍ତୁ ଏହାକୁ ଫ୍ରିଜରେ ରଖିବା ଦ୍ୱାରା ଏଥିରେ ଥିବା ପୋଷକ ତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ କମିବା ଆରମ୍ଭ କରେ । ଯାହାଫଳରେଏହାକୁ ସେବନ କରେ କୌଣସି ଲାଭ ହୋଇନଥାଏ ।

ଷ୍ଟଫଡ୍ ମସରୁମ୍

ଆବଶ୍ୟକ ସାମଗ୍ରୀ:
ବଟମ ଛତୁ, କର୍ଣ୍ଣଫ୍ଲୋର, ବେସନ, ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଲୁଣ, ତେଲ, କଟା କଞ୍ଚା ଲଙ୍କା, କଟା ପିଆଜ, ପନିର କୋରା, ଶୁଖିଲା ଲଙ୍କା, ଗୁଣ୍ଡ, କଟା କ୍ୟାପସିକମ, ଗୋଲମରିଚ ଗୁଣ୍ଡ ଓ ମକା ଓ ବ୍ଲେଡକର୍ଣ୍ଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଟମ ଛତୁକୁ ଭଲ ଭାବରେ ଧୋଇ ରଖନ୍ତୁ । ପରେ ଛତୁର ଡେଙ୍ଗକୁ ବାହାର କରି ଦିଅନ୍ତୁ । ଏହାପରେ ଏକ ପାତ୍ରରେ କର୍ଣ୍ଣଫ୍ଲୋର ନିଅନ୍ତୁ । ସେଥିରେ ବେସନ,ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଆଣ ପ୍ରସ୍ତୁତ କରନ୍ତୁ । ପରେ କରେଇରେ ତେଲ ଗରମ କରି ପ୍ରଥମେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜଟି ଟିକେ ଭାଜି ହେବାପରେ ସେଥିରେ କଟା କ୍ୟାପସିକମ, ପନିର କୋରା, କଟା କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ମକା ପକାନ୍ତୁ । ଏହାକୁ କିଛି ସମୟ ଭଲ ଭାବରେ ଭାଜନ୍ତୁ । ଏହା ଭାଜି ହେବା ପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ବଟମ ଛତୁ ଭିତରେ ମସଲାକୁ ପୂରାଇ ପ୍ରସ୍ତୁତ ଆଣରେ ବୁଡ଼ାନ୍ତୁ ଏବଂ ଏହାକୁ ବ୍ଲେଡକର୍ଣ୍ଣରେ ଗୋଳାଇ ଛାଣନ୍ତୁ । ପ୍ରସ୍ତୁତ ହୋଇଗଲା ଷ୍ଟଫଡ୍ ମସରୁମ୍ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଛାୟାଯୁଦ୍ଧ ବନ୍ଦ ହେଉ...

ଉଚ୍ଚତର ନ୍ୟାୟାଳୟ ଗୁଡ଼ିକରେ କଲେଜିୟମ୍ ବ୍ୟବସ୍ଥା ମାଧ୍ୟମରେ ବିଚାରପତି ନିଯୁକ୍ତିକୁ ନେଇ ବିଚାର ବିଭାଗ ଉପରେ କେନ୍ଦ୍ର ସରକାରଙ୍କ ଅସନ୍ତୋଷ ଜାହିର କରାଯିବା ପ୍ରଥମେ ଆରମ୍ଭ ହେଲା କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଠାରୁ । ଆଉ ଏବେ ତାହା ସମ୍ପ୍ରସାରିତ ହୋଇଛି ଦେଶର ଉପରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ । ଏହା ବର୍ତ୍ତମାନ ପରବର୍ତ୍ତୀ ପର୍ଯ୍ୟାୟକୁ ନିଆଯାଇଛି । ଯେଉଁଥିରେ ନୂଆ ଲକ୍ଷ୍ୟ ପାଲଟିଛି ବିଚାର ବିଭାଗୀୟ ସମୀକ୍ଷା ଏବଂ ସମ୍ବିଧାନକୁ ତର୍ଜମା କରିବାର କ୍ଷମତା କଥା । କେତେକ ମୌଳିକ ପରିସର ଯାହା ଉପରେ ସମଗ୍ର ବିଶ୍ୱର ଗଣତନ୍ତ୍ର ଗୁଡ଼ିକ ପ୍ରତିଷ୍ଠିତ । ସଦ୍ୟତମ ବାକ୍ୟବାଣ ଭାବରେ ରାଷ୍ଟ୍ରପତି ଜଗଦୀଶ ଧନଖଡ଼ ୧୯୭୩ରେ ସୁପ୍ରିମ କୋର୍ଟଙ୍କ କେଶବାନନ୍ଦ ଭାରତୀୟ ମାମଲାରେ ପ୍ରଦତ୍ତ ରାୟ ଉପରେ ପ୍ରତିଷ୍ଠିତ ମୌଳିକ ସଂରଚନା ତତ୍ତ୍ୱରେ ପ୍ରଶ୍ନ ଉଠାଇ ଏହାକୁ ଏକ ଭୁଲ୍ ନଜିର ବୋଲି କହିଛନ୍ତି । ସୂଚନା ଯୋଗ୍ୟ ଯେ ୧୯୭୩ ଏପ୍ରିଲରେ ସୁପ୍ରିମକୋର୍ଟରେ ଏକ ୧୩ଜଣ ବିଚାରପତିଙ୍କ ଖଣ୍ଡପୀଠ ୭:୬ ସଂଖ୍ୟାଗରିଷ୍ଠତା ଆଧାରରେ ଦେଶରେ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ । କେଶବାନନ୍ଦ ଭାରତୀ ମାମଲା ଭାବରେ ବିଦିତ ଏହି ରାୟ ଘୋଷଣା କରିଥିଲା ଯେ ସମ୍ବିଧାନକୁ ସଂଶୋଧନ କରିବାରେ ସଂଶୋଦର ଅଧିକାର ନିରଂକୁଶ ନୁହେଁ । ଏକ ସଂଶୋଧନ ସମ୍ବିଧାନର ମୌଳିକ ସଂରଚନା ବା ମୌଳିକ ରୂପରେଖକୁ ଉଲଂଘନ କରିପାରିବ ନାହିଁ । ତେବେ ଏହାର ପରବର୍ତ୍ତୀ ଘଟଣା ଗୁଡ଼ିକ ଏବେ ସୁଦ୍ଧା ଗୁଞ୍ଜରିତ ହୋଇ ଚାଲିଛି ରାଜନୀତି କ୍ଷେତ୍ରରେ । ନିକଟରେ ଉପରାଷ୍ଟ୍ରପତି ଏକ ଉଦ୍‌ବୋଧନ ଦେବା କାଳରେ ଏହି ରାୟ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ସମ୍ବିଧାନର ସଂଶୋଧନ କରିବା ଏବଂ ଆଇନ ପ୍ରଣୟନ କରିବାର କ୍ଷମତା ସହିତ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କର କିଛି ସମ୍ପର୍କ ନାହିଁ । ସଂକ୍ଷେପରେ ସଂଶୋଦର ଶ୍ରେଷ୍ଠତ୍ୱ ଅଲଂଘନୀୟ । ତାଙ୍କର ଏପରି କହିବା ପଛରେ ଥିବା ଯୁକ୍ତି ଟି ହେଉଛି ଉପରୋକ୍ତ ତତ୍ତ୍ୱ ସମ୍ବିଧାନ ସଂଶୋଧନ କରିବାର କ୍ଷମତା ଉପରେ ପ୍ରଶ୍ନ ଉଠାଉଥିବାରୁ ଆମେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହିବା କଠିନ ହେବ । ସେ ମଧ୍ୟ ସୁପ୍ରିମ କୋର୍ଟ ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ (ଏନ୍‌ଜେଏସସି) ଆଇନ ୨୦୧୪କୁ ନ୍ୟାୟପାଳିକାର ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଥିବା ଆଧାରରେ ଖାରଜ କରିଦେବାକୁ ନେଇ ତାଙ୍କର ସମାଲୋଚନାର ପୁନରାବୃତ୍ତି କରିଛନ୍ତି, ଯାହା ସାମ୍ବିଧାନରେ ଏକ ମୌଳିକ ସଂରଚନା ଥିଲା । ଶ୍ରୀଯୁକ୍ତ ଧନଖଡ଼ ଯିଏକି ରାଜ୍ୟସଭାରେ ମଧ୍ୟ ଅଧ୍ୟକ୍ଷ ଅଟନ୍ତି, ସେ କହିଛନ୍ତି ଯେ ସେଭଳି ଭାବରେ ନ୍ୟାୟପାଳିକା ବ୍ୟବସ୍ଥାପିକାର ଆଇନ ପ୍ରଣୟନ କ୍ଷମତାରେ ହସ୍ତକ୍ଷେପ କରିପାରିବ ନାହିଁ । ଏଥିପାଇଁ ସେ ଯୁକ୍ତି ଦର୍ଶାଇବାକୁ ଯାଇ କହିଛନ୍ତି କି ଗଣତନ୍ତ୍ରର ସ୍ଥାୟିତ୍ୱ ନିମନ୍ତେ ସଂଶୋଦୀୟ ସାର୍ବଭୌମତ୍ୱ ଏବଂ ସ୍ୱାୟତ୍ତା ଅତ୍ୟାବଶ୍ୟକ ଏବଂ ଏ କ୍ଷେତ୍ରରେ କାହା ସହିତ କୌଣସି ପ୍ରକାରର ବୁଝାବଣା କରାଯାଇପାରିବ ନାହିଁ, ନା କାର୍ଯ୍ୟପାଳିକା ଦ୍ୱାରା ନା ନ୍ୟାୟ ପାଳିକା ଦ୍ୱାରା । ଏମିତି ନୁହେଁ ଯେ ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଧନଖଡ଼ ଆଇନ ବିଷୟରେ ଅସଚେତନ ବା ଅନବିଜ୍ଞ । ରାଜନୀତିକୁ ଆସିବା ପୂର୍ବରୁ ସେ ନିଜକୁ ପ୍ରଖ୍ୟାତ ଓକିଲ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲା । ତେଣୁ ସେ ମୌଳିକ ସଂରଚନା ତତ୍ତ୍ୱ ପଛରେ ଥିବା ଆଇନଗତ ଚିନ୍ତାଧାରା ସମ୍ପର୍କରେ ଅବଗତ ନୁହଁନ୍ତି ବୋଲି କହିବା ସହଜ ନୁହେଁ । ସେ ନିଶ୍ଚିତ ଭାବରେ ଜାଣିଛନ୍ତି ଯେ ଭାରତୀୟ ସଂଶୋଧ ହେଉଛି ସମ୍ବିଧାନର ଏକ ଉତ୍ପାଦ, ଏବଂ ଅନ୍ୟକିଛି ନୁହେଁ ଆଉ ସମ୍ବିଧାନ ଯେତେବେଳେ ସଂଶୋଦକୁ ଆଇନ ପ୍ରଣୟନ କ୍ଷମତା ଦେଇଛି । ଏପରିକି ଖୋଦ୍ ସମ୍ବିଧାନରେ ସଂଶୋଧନ ଆଣିବାର କ୍ଷମତା ମଧ୍ୟ ସଂଶୋଧ ଉପରେ ଅର୍ପଣ କରିଛି । ସମ୍ବିଧାନର ମୌଳିକ ଢାଂଚାରେ ପରିବର୍ତ୍ତନ କରିବା ସମ୍ବିଧାନ ପ୍ରଣୟନ ସଭା ଏବଂ ଏହାର ଉତ୍ପାଦର ତାର୍କିକତାର ଗରିମାକୁ କ୍ଷୁର୍ଣ୍ଣ କରିବ । ଏଥିରେ ସନ୍ଦେହ ନାହିଁ ଯେ କଲେଜିୟମ୍ ବ୍ୟବସ୍ଥା ଉପରେ ସରକାରଙ୍କ ଅସନ୍ତୋଷ ହାଇକୋର୍ଟରେ ତଥା ସୁପ୍ରିମକୋର୍ଟରେ ଦିନ ପରେ ଦିନ ବିଚାରପତି ପଦବୀର ଶୂନ୍ୟତାରେ ବୃଦ୍ଧି ଘଟାଇ ଚାଲିଛି । ପୁନଶ୍ଚ ଅନେକ ଗୁଡ଼ିଏ ଖଣ୍ଡପୀଠ ଉଲ୍ଲେଖ କରିସାରିଛନ୍ତି ଯେ କଲେଜିୟମ୍ ଦ୍ୱାରା ସୁପାରିସ୍ କରାଯାଇଥିବା ବିଚାରପତି ମାନଙ୍କ ନିଯୁକ୍ତିରେ ବିଳମ୍ବ ଅନେକ ସଂଖ୍ୟକ ଯୋଗ୍ୟ ଆଇନଜୀବୀଙ୍କୁ ଖଣ୍ଡପୀଠଗୁଡ଼ିକରେ ଯୋଗଦେବାକୁ ବଂଚିତ କରୁଛି । କୋର୍ଟ ଉଲ୍ଲେଖ କରିଛନ୍ତି ଯେ କଲେଜିୟମ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ବୋଲି ଏହା ଦାବି କରିବେ ନାହିଁ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବା ଅଂଶଗୁଡ଼ିକୁ ବାଦ୍ ଦେଇ ସଂଶୋଧ ବିଚାରପତିଙ୍କ ନିଯୁକ୍ତି ପ୍ରସଙ୍ଗରେ ଏକ ନୂଆ ଆଇନ ପ୍ରଣୟନ କରିପାରିବେ । ତେଣୁ ସରକାର ଯଦି ବିଚାରପତି ନିଯୁକ୍ତିକୁ ନେଇ ଉଠିଥିବା ବିବାଦ ଓ ଅଚଳାବସ୍ଥାର ପରିସମାପ୍ତି ଘଟାଇବାରେ ବାସ୍ତବରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ତାହାହେଲେ ଏହା ଛାୟାଯୁଦ୍ଧ ଚଳାଇବା ପରିବର୍ତ୍ତେ ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ଏକ ସୂଚନଶୀଳ ଢଙ୍ଗରେ ଏହି ପ୍ରକ୍ରିୟାରେ ସାମିଲ କରିବା ଉଚିତ ।

ବାଦଲ ଭୂୟାଁ

ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି । ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ । ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି । ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ । ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ । କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି । ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ । ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ । ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି । ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ । କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର । ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି । ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ । ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି । ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ । ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା । ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି । ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି । ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି । ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି । ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ । ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ । ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ । ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ । ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ । ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ । ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ ।

ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

ଗିରିଧାରୀ ସାମଲ

ବ୍ୟବହାର ହିଁ ପ୍ରକୃତ ପ୍ରମାଣପତ୍ର

ଋଷର ପ୍ରସିଦ୍ଧ ଲେଖକ ଲିଓ ଓଲ୍‌ଷ୍ଟୟଙ୍କୁ ଏକଦା ନିଜ କାମଧନ୍ଦାରେ ସହାୟତା ପାଇଁ ଜଣେ ଲୋକ ଆବଶ୍ୟକ ପଡ଼ିଲା । ଏ ସମ୍ପର୍କରେ ସେ ନିଜ ବନ୍ଧୁଙ୍କୁ କହିଲେ, 'ଯଦି ତୁମ ନଜରରେ ଭଲ ତଥା ପରିଶ୍ରମୀ ପିଲା ଥାନ୍ତି, ତେବେ ଜଣାଇବ ।' କିଛିଦିନ ପରେ ଟଲ୍‌ଷ୍ଟୟଙ୍କ ବନ୍ଧୁ ଜଣେ ବ୍ୟକ୍ତିଙ୍କୁ ପଠାଇଲେ । ସେ ଶିକ୍ଷିତ ସାଙ୍ଗକୁ ଅନେକ ପ୍ରକାର ସାର୍ଟିଫିକେଟ ଓ ଡିଗ୍ରୀଧାରୀ ଥିଲେ । ବ୍ୟକ୍ତି ଜଣଙ୍କ ଟଲ୍‌ଷ୍ଟୟଙ୍କ ଘରକୁ ଯାଇ ସାକ୍ଷାତ କଲେ । କିନ୍ତୁ ଅନେକ ଡିଗ୍ରୀର ଅଧିକାରୀ ହୋଇ ମଧ୍ୟ ଟଲ୍‌ଷ୍ଟୟଙ୍କ ମନକୁ କିଣିପାରିଲେ ନାହିଁ । ତେଣୁ ସେ ବ୍ୟକ୍ତି ଜଣଙ୍କୁ ଚାକିରି ଦେବେନାହିଁ ବୋଲି କହି ବିଦାୟ ଦେଲେ । ଏହାପରେ ବିନା ଡିଗ୍ରୀଧାରୀ ଜଣେ ଯୁବକକୁ ଚାକିରିରେ ରଖିଦେଲେ । ଏକଥା ଯେତେବେଳେ ତାଙ୍କ ବନ୍ଧୁଙ୍କୁ ଜଣାପଡ଼ିଲା ସେ ତୁରନ୍ତ ଟଲ୍‌ଷ୍ଟୟଙ୍କ ପାଖକୁ ଆସି ଘଟଣା ସମ୍ପର୍କରେ ପଚାରି ବୁଝିଲେ । ଟଲ୍‌ଷ୍ଟୟ କହିଲେ, ମିତ୍ର! ଯେଉଁ ବ୍ୟକ୍ତିକୁ ମୁଁ ବାଛିଛି ତାଙ୍କ ପାଖରେ କୌଣସି ଡିଗ୍ରୀ କିମ୍ବା ସାର୍ଟିଫିକେଟ ନାହିଁ ସତ; କିନ୍ତୁ ସେ ମୋ ଘରକୁ ପ୍ରବେଶ ପୂର୍ବରୁ ପ୍ରଥମେ ଅନୁମତି ମାଗିଥିଲେ । କବାଟ ପାଖରେ ଥିବା ପରିଷ୍କାର କପଡ଼ାରେ ଜୋତା ପୋଛି ରୁମ୍ ଭିତରକୁ ପ୍ରବେଶ କଲେ । ତାଙ୍କ ପୋଷାକ ସାଧାରଣ ଥିଲା ସତ; ମାତ୍ର ପରିଷ୍କାର ପରିଚ୍ଛନ୍ନ ଥିଲା । ମୁଁ ତାଙ୍କୁ ଯେଉଁ ପ୍ରଶ୍ନ କଲି ସେ ବିନା ଦ୍ୱିଧାରେ ତା'ର ଉତ୍ତର ଦେଲେ । ଯେଉଁ ପ୍ରଶ୍ନର ଉତ୍ତର ଜାଣିନାହାନ୍ତି, ସିଧାସଳଖ ତାକୁ ମାନିଗଲେ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ସଂକ୍ଷିପ୍ତ ଭାବେ ପ୍ରଦାନ କଲେ । ସାକ୍ଷାତକାର ସମାପ୍ତ ହେବାପରେ ସେ ମୋଠାରୁ ଅନୁମତି ନେଇ ବାହାରକୁ ଗଲେ । ସାକ୍ଷାତକାର ପୂର୍ବରୁ, ମଝିରେ କି ପରେ ସେ କାହା ସୁପାରିସ୍‌ରେ ଆସିଛନ୍ତି ବୋଲି କହିଲେ ନାହିଁ । ପାଠୁଆ ନହୋଇଥିଲେ ମଧ୍ୟ ତାଙ୍କ ଭିତରେ ନିଜ ବ୍ୟବହାର, କର୍ମ ଓ ସକ୍ଷମତା ଉପରେ ଭରସା ଥିଲା । ତା'ରି ବଳରେ ସେ ଏଠାକୁ ଆସିଥିଲେ । କିନ୍ତୁ ତୁମେ ପଠାଇଥିବା ବ୍ୟକ୍ତି ଜଣଙ୍କ ବିନା ଅନୁମତିରେ ରୁମ୍‌କୁ ପ୍ରବେଶ କରିବା ସହ ସିଧାସଳଖ ଚେୟାରରେ ବସିପଡ଼ିଲେ । ବସିବା ପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ତୁମ ପ୍ରେରିତ ବ୍ୟକ୍ତି ବୋଲି କହିଲେ । ତେଣୁ ମୁଁ ଦ୍ୱିତୀୟ ବ୍ୟକ୍ତିଙ୍କୁ ବାଛିବାକୁ ସଠିକ୍ ମନେକଲି । ଟଲ୍‌ଷ୍ଟୟଙ୍କ କଥା ଶୁଣି ମିତ୍ର କହିଲେ, ''ସତରେ ମଣିଷକୁ ଚିହ୍ନିବାକୁ ହେଲେ ତା'ର ସାର୍ଟିଫିକେଟ କି ପ୍ରମାଣପତ୍ର ନୁହେଁ, ବ୍ୟବହାର ଓ କର୍ତ୍ତବ୍ୟ ନିଷ୍ଠା ଓ ଆଚରଣକୁ ତଉଲିବା ଦରକାର । ଏହା ହିଁ ମଣିଷର ପ୍ରକୃତ ପ୍ରମାଣପତ୍ର ।'' ବାସ୍ତବକଥା ହେଉଛି ଆମ୍ଭ ମାନଙ୍କ ଦୈନନ୍ଦିନ ଜୀବନରେ ଅନେକ ଘଟଣା ଆମେ ଦେଖିଥାଉ ଯେଉଁଠାରେ ବ୍ୟବହାର ହିଁ ପ୍ରକୃତ ଚରିତ୍ର ଓ ଜୀବନ ଆଦର୍ଶ ବୋଲି ପ୍ରମାଣିତ ହୋଇଥାଏ । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମଣିଷର ସର୍ବଶ୍ରେଷ୍ଠ ଚରିତ୍ର ଓ ଆଦର୍ଶ ହେଉଛି ତାର ବ୍ୟବହାର । ଏହା ଜୀବନ ଆଦର୍ଶ ପାଲଟିଲେ ଜଣେ ଶ୍ରେଷ୍ଠ ମଣିଷରେ ପରିଣତ ହୋଇପାରିବ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ମୋ : ୯୪୩୭୪୫୦୧୧୪

ସୁବ୍ରତ କର

ସିକିମର ମୁଖ୍ୟମନ୍ତ୍ରୀ ବିଶ୍ୱକପ୍ ହକି ଖେଳର ସମ୍ମାନ ବଂଟେଇଲେ

ଧନ୍ୟବାଦର ପାତ୍ର ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁ । ଓଡ଼ିଶାବାସୀଙ୍କୁ ହଙ୍କର ଶେଷଖେଳ ଦେଖାଇବାରେ ସକ୍ଷମ ହୋଇଛନ୍ତି କାରଣ ବିଶ୍ୱକପ୍ ଭଳି ଖେଳ ସେ ଫୁଟବଲ ହେଉ, କ୍ରୀକେଟ ବା ହକି ଆମର ମଧ୍ୟମ ଧରଣର ରାଜ୍ୟ ଏବଂ ଛୋଟ ଛୋଟ ସହରରେ କରାଇବା ସହଜ କଥା ନୁହେଁ । ମୁଁ ଛୋଟ ଛୋଟ ସହର କହିବାର କାରଣ ହେଲା ଆମ ଦେଶରେ ବମ୍ବେ, ଦିଲ୍ଲୀ, କଲିକତା, ବାଙ୍ଗାଲୋର, ହାଇଦ୍ରାବାଦ ଭଳି ସହର ଥାଉ ଥାଉ ୧୦-୧୫ ଲକ୍ଷ ଲୋକ୍ଷ ଥିବା ସହରରେ (ଭୁବନେଶ୍ୱର ଏବଂ ରାଉରକେଲା) ଖେଳକୁ ସଫଳ କରାଇବା ନିଶ୍ଚିତ ପୁରା ଶ୍ରେୟ ଯିବ ଆମର ମୁଖ୍ୟମନ୍ତ୍ରୀଙ୍କୁ । ସବୁ ଠିକ୍ ଠାକ୍ ଚାଲିଛି କିନ୍ତୁ କେତକ ଯାଗାରେ ମନେ ହେଉଛି ସାରା ଦେଶରେ ଏତେ ବଡ଼ ଖେଳ ହେଉଛି କିନ୍ତୁ ଭାରତ ସରକାର ହେଉ ବା ଅନ୍ୟ ରାଜ୍ୟ ସରକାରଙ୍କ କେଉଠି ଗୋଟାଏ ସହଯୋଗର ଅଭାବ ପରିଲକ୍ଷିତ ହେଉଛି । ପ୍ରଥମ କଥା ହେଲା ଏହି ବିଶ୍ୱସ୍ତୀୟ ଖେଳରେ ଯଦି ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ବା ଉପରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥାଆନ୍ତା ତେବେ ଏହି ଖେଳର ପ୍ରଚାର ପ୍ରସାର ବିଶ୍ୱସ୍ତରରେ ଭଲ ହୋଇ ପାରନ୍ତା । ମୁଖ୍ୟମନ୍ତ୍ରୀ ନିଜେ ଆୟୋଜନ କଲେ, ନିଜେ ଉଦ୍‌ଘାଟନ କରିଲେ ନିଜ ଲୋକଙ୍କୁ ସାଥିରେ ଧରି । ଏହାକୁ ହଜମ କରିବା ଟିକିଏ କଷ୍ଟ ଲାଗୁଛି । ଆଉ ଗୋଟାଏ ବଡ଼ କଥା ହେଲା ସେ ନିଜର ମନ୍ତ୍ରୀ ମଣ୍ଡଳର ସଦସ୍ୟମାନଙ୍କୁ ସବୁ ରାଜ୍ୟକୁ ପଠାଇ ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ ପତ୍ର ପ

ମେଘ ସବାରୀରେ ବରଷା ରାଣୀ

ପ୍ରଫୁଲ୍ଲ ବାରିକ

ଆଦ୍ୟ ଆଷାଢ଼ର ଅପରାହ୍ନ । ଆକାଶରେ ମେଘର ପ୍ରସ୍ତୁତି । ଗାଁ'ଉପରେ ଝୁଲୁଛି କଳାବାଦଲ ଥାକଥାକ ହେଇ, ମହୁଫେଣା ପରି । ବର୍ଷିଲାତ,ଏକାକାର ହବ ଆକାଶ ମାଟ । ଦିନ ଆଉରି ଦି' ଘଡି ଥିଲେବି ଝାପ୍ସା ଅନ୍ଧାର ସୃଷ୍ଟି କରୁଛି ସନ୍ଧ୍ୟାର ଭ୍ରମ । ଦାଣ୍ଡଗୋଠ ଝାଟେଇ ବସିଲେଣି ମର୍ଦମାନେ ଆପଣା ପିଣ୍ଡାରେ ଜାକିଜୁକି ହେଇ ଆକାଶ ମୁହାଁ । ମହିଳା ମାନଙ୍କର ସଜ ସନ୍ଧ୍ୟାକୁ ।

ଧଳାରଙ୍ଗର କାର ଗୋଟେ ରହିଲା ଆସି ଗାଁ'ମୁଣ୍ଡରେ । ଖେଳରେ ମାତିଥିବା ପିଲା କେଇଜଣ ତତକ୍ଷଣାତ ରୁଣ୍ଡ ଯାଇ କାର ପାଖରେ । ବର୍ଷା ତା କୁନିପୁଅକୁ ଧରି କାରରୁ ଓଲ୍‌ହେଇ ଅନେଇଲା ଗାଁ ଆଡ଼େ । ବଡ଼ କାହାରିକୁ ନପାଇ ପିଲାମାନଙ୍କ ଉଦ୍ଦେଶ୍ୟରେ ପଚାରିଲା - ତମେ ନବ ମହାପାତ୍ରଙ୍କ ଘର ଦେଖିଚ ପିଲେ ? ସବୁଠୁ ବଡ଼ ପିଲାଟି ଆଗୁଆ ହେଇ କହିଲା - ହଁ ଅପା, ତମଘର ମୁଁ ଦେଖିଚି । ଆମେପା' ଏଇ ଗାଁ'ର । ବର୍ଷା ଶରଧାରେ ତା ଗାଲକୁ ଚିପିଦେଇ କହିଲା - ଗାଡିରେ ବସ । ବାଟ ଦେଖେଇ ପହଂଚେଇବୁ ଆମ ଘରେ । ମୁଁ ଯାଉଛି ପଛେପଛେ । ଗାଡି ଭିତରେ ବର୍ଷାର ସ୍ୱାମୀ ଅମରେଶ । ବର୍ଷା କାଚ ପକେଇ କହିଲା - ତମେ ଯାଅ ଆଗେ ଆଗେ । ମୁଁ ଚାଲି ଚାଲି ଆସୁଛି ପୁଅସହ । ବାପା ବୋଉ ଅନେଇଛନ୍ତି । ଅସୁବିଧା ହବନି । ଗାଡି ଗଡିଲା ବର୍ଷାଙ୍କ ଘରଆଡ଼େ । ବର୍ଷା ତା କୁନିପୁଅକୁ କାଖେଇ ପାଦ ବଢ଼େଇଲା ଗାଁ ଦାଣ୍ଡରେ ।

ପିଣ୍ଡାରେ ବସିଥିବା ଲୋକେ ତଟସ୍ଥ ଦେଖି - ଇଏ ମାନବୀ, ନା କୋଉ ଦେବୀ ? ଶରୀର ଔଜଲ୍ୟ ସାଙ୍ଗକୁ ମୁଖର ଦୀପ୍ତିରେ ଯିମିତି ଆଲୋକିତ ଗାଁ'ଦାଣ୍ଡ । ଚାଲିଛି ଦେବ ଶିଶୁ ପରି ପୁଅଟିକୁ କୋଳେଇ । ମଥା ତୋଳି ଗାଁ ଦାଣ୍ଡରେ ।

ବର୍ଷା ଆସି ପ୍ରଣାମ କଲା କୃପାସିନ୍ଧୁ ମଉସାଙ୍କୁ । କୃପାସିନ୍ଧୁ ବସିଥିଲେ ପିଣ୍ଡାରେ । ଘଡିଏ ଅନେଇ କହିଲେ - ମାଆ ବର୍ଷାକି ?

-- ହଁ ମଉସା । ତମ ଜୋଇଁବାବୁ ଗଲେ ଆଗେଆଗେ । ମୁଁ ଗାଡିରୁ ଓଲ୍‌ହେଇ ଚାଲି ଚାଲି ଯାଉଛି ତମ ମାନଙ୍କୁ ଦେଖିବାର ଆଶାନେଇ ।

---- ଭଲ କଲୁ ମାଆ, ଯିବା ଦିନରୁ ଏ ଆଖି ଫୁଟିଗଲାଣି ତୋ ଦର୍ଶନବିନା । ଯାଆ, ବାପା ବୋଉ ଅନେଇଥିବେ । ଜୋଇଁ ବାବୁ ବ୍ୟସ୍ତ ହେବେଣି ।

ବର୍ଷା ଆଗକୁ ପାଦ ବଢ଼େଇଲା । କଥା ପ୍ରଘଟ ତତକ୍ଷଣକେ । ଗାଁ'ଟା ସାରା ଗୁଂଜରଣ- ବର୍ଷା ଆସୁଛି । ଗୋଟାଦାଣ୍ଡ ଭିଡ଼ ପିଲାଠୁ ବୟସ୍କ, ପୁରୁଷ ସ୍ତ୍ରୀ ନିର୍ବିଚାରରେ । ସମସ୍ତେ ଅନେଇଛନ୍ତି ବର୍ଷାକୁ ଉତ୍ସୁକତାରେ । ସହାସ୍ୟ । ଗୋଟି ଗୋଟି କରି ବର୍ଷା ମୁଣ୍ଡିଆ ମାରି ଚାଲିଛି ବଡ଼ମାନଙ୍କୁ । ସାନମାନଙ୍କ ମଥା ଆଉଁସି ସରାଗରେ ଟିପି ଦଉଚି ଗାଲ । ମହିଳା ମାନଙ୍କ ଆଖିରେ ଫୁଟି ଉଠୁଚି ଶରଧାର ମଲ୍ଲୀ । ବୁଢ଼ୀମାନଙ୍କୁ କୁହାର ହେଲାବେଳେ କୋଳେଇ ନେଇ ବର୍ଷାକୁ ଗଦଗଦ ହେଇ କହୁଛନ୍ତି - ଆମେ କଣ ଆଶା କରିଥିଲୁ ଆମ ବର୍ଷାକୁ ଦେଖିବୁ ବୋଲି ? କାଇଁ ଆମେରିକା, ଆଉ କୋଉଠି ଆମେ । ଭଗବାନ ଶୁଣିଲେ ଆମ ଡାକ । ତୋର କୋଟି ପରମାୟୁ ହଉ ମାଆ । ପୁଅ ତୋର ରାଜ ସୁଖ କରୁ ।

ବର୍ଷା ଚାଲିଛି ଘର ପରେ ଘର ପାରକରି । ଅନେକ ଅନେକ ଶ୍ରଦ୍ଧା, ଆଶିଷକୁ ପଣତରେ ଗୋଟେଇ ।

ବର୍ଷା ନବ ମହାପାତ୍ରଙ୍କ ଝିଅ । ନିଆରା ଗାଁ'ରେ । ନିଆରା ତାର ବଂଶ, ଖାନଦାନୀ ମର୍ଯ୍ୟାଦା ପାଇଁ ନୁହେଁ । ବର୍ଷା ପିଲା ବେଳୁ ସମସ୍ତଙ୍କର ଆଦରର । ଶିଶୁବେଳେ ସାଥିମାନଙ୍କ ସହ ଧୂଳୀରେ ଖେଳୁଥିବା ବେଳେ ଲାଗେ ଚନ୍ଦ୍ରରୁ ଛିଣ୍ଡି କିଛିଅଂଶ ପଡିଛି ମାଟିରେ । ବର୍ଷାର ସୌନ୍ଦର୍ଯ୍ୟରେ ମୁହ୍ୟମାନ ସମସ୍ତେ । ଯିମିତି ଦେବ ଶିଶୁଟିଏ । ସମସ୍ତଙ୍କର ଆଗ୍ରହ ବର୍ଷାକୁ ଟିକେ କୋଳେଇବାକୁ । ଗେଲ କରିବାକୁ ।

ବର୍ଷା ବଡ଼ହୁଏ । ଶୈଶବରୁ ପାଦଦିଏ କୈଶୋରରେ । ସମାନୁପାତରେ ପରିବର୍ତ୍ତିତ ହୁଏ ତାର ଅଙ୍ଗସୌଷ୍ଠବ । ବର୍ଷା ଏଣିକି ଲାଜୁରା, ଶଂକୁଚିତ ହେବାକୁ ଲାଗେ ତାର ଏଇଗୁଣ ତା ପ୍ରତି ଆକର୍ଷଣକୁ ବଢେଇଦିଏ ଢେରଗୁଣରେ ।

ମେଟ୍ରିକ ପରେ ବର୍ଷା ଯାଏ କଲେଜ । ଯୌବନର ପ୍ରଥମ ପଦପାତରେ ବର୍ଷା ପ୍ରଗଳଭା । ଗୋଟିଏ ନୂଆଗୁଣ ପ୍ରକାଶପାଏ ଏଣିକି ବର୍ଷା ଚରିତ୍ରରେ । ସାମାଜିକ କର୍ମ, ବିଶେଷକରି ଗାଁ ଲୋକଙ୍କର ସୁଖଦୁଃଖ, ହାନିଲାଭ ନିୟମିତ ରଖିବା ସହ କ୍ଷେତ୍ର ଉପରେ ଠିଆ ହୁଏ । ଏଣିକି ଅନେକ ସମସ୍ୟା, ପାରିବାରିକ ସମ୍ପର୍କରେ ତିକ୍ତତାଠୁ ନେଇ ପଡୋଶୀ ପଡୋଶୀ ଝଗଡା, ପଂଚାୟତ ଓ ସହରରେ ଅଟକିଥିବା ଅକରା କାମ ବର୍ଷା ହସ୍ତକ୍ଷେପରେ ହେଇଯାଏ ସ୍ୱଚ୍ଛନ୍ଦରେ । ଛୁଟୀରେ ସମ୍ପୂର୍ଣ୍ଣ ସମୟ ଦିଏ ବର୍ଷା ଆପଣା ଗାଁ ଲୋକଙ୍କ ସୁଖ ଦୁଃଖରେ । ବର୍ଷାକୁ ଏଥିନେଇ କେହିକେହି ଦେବୀଟିଏ କହୁଥିବା ବେଳେ, କେହି କେହି କହନ୍ତି ଦେବଦୂତ ପରୀଟିଏ । ତାର ରୂପ ବ୍ୟବହାର ଆଚ୍ଛନ୍ନ କରେ ସମସ୍ତଙ୍କୁ ବୟସ ନିର୍ବିଚାରରେ ।

ବିଏ ପରେ ବର୍ଷା ବାହା ହେଇଗଲା । ସିଏ ପୁଣି ଆଖପାଖରେ ନୁହେଁ, ଗଲା ସୁଦୂର ଆମେରିକା ସ୍ୱାମୀସହ । ବର୍ଷାର ବିଦାବେଳର ଦୃଶ୍ୟ ଏବେବି ଅଲିଭା ଲୋକଙ୍କ ମନରେ । ଲୁହରେ ଭିଜିଛି ଗାଁ'ଦାଣ୍ଡ । ବର୍ଷା କଥା ଦେଇଥିଲା - ମୁଁ ଆସିବି ଖୁବ ଶୀଘ୍ର । ମୋତେ ହସିହସି ବିଦାକର ।

ତିନିବର୍ଷ ପରେ ବର୍ଷା ଆସିଛି । ଏଇ ତିନିବର୍ଷରେ ଦିନଟିଏ ନାଇଁ ଯେବେ ବର୍ଷା ନଆସିଛି ସ୍ମୃତିକୁ, ଆଲୋଚନାକୁ । ବର୍ଷାକଥା ପଡିଲେ ଶତମୁଖର ହୁଅନ୍ତି ଗାଁ'ଲୋକେ । ଇମିତି ଝିଅଟିଏ କଣ ଆଉ ଏ ଗାଁ'ରେ ଜନ୍ମ ନବ ?

ଆଜି ବର୍ଷାକୁ ପାଇ ଭୁଲି ଯାଇଛନ୍ତି ସମସ୍ତେ ଆପଣକୁ । ସ୍ନେହ, ଶ୍ରଦ୍ଧାର ବର୍ଷା ଯିମିତି ବର୍ଷୁଛି ବର୍ଷା ଆଉ ତା ପୁଅ ଉପରେ । ନରିକାକା ପୋଖରୀପାଣି ସାରି ଆସି ପିଣ୍ଡାରେ ବସୁବସୁ ପଚାରିଲେ - କେହି ଗଲେକି ଦାଣ୍ଡରେ ? ଲାଗୁଚି ପରିବେଶ ସିମିତି ସିମିତି ?

କୃପାସିନ୍ଧୁ ଆର ପିଣ୍ଡାରୁ କହିଲେ - ଆସିଛି । ମେଘ ସବାରୀରେ ବରଷା ରାଣୀ ।

ନରି କାକାଙ୍କୁ ଆକାଶଆଡ଼େ ଅନେଇବା ଦେଖି କୃପାସିନ୍ଧୁ କହିଲେ - ସାଡେ ନୁହେଁ, ଯାଆ ଦର୍ଶନ କରି ଆସିବ ନବ ମହାପାତ୍ରଙ୍କ ଘରୁ ।

ନରିକାକା ଅବୁଝା, ବୋକା ହେଇ ଖାଲି ଆଁ'ଟା କରି ଅନେଇ ଥାଆନ୍ତି କୃପାସିନ୍ଧୁଙ୍କୁ ।

+ଚନ୍ଦନବିନ୍ଧା, ଚାନ୍ଦବାଲି ଭଦ୍ରକ
ମୋ.୯୨୩୮୯୨୦୪୦୫



ବନ୍ଧନ

ବିଷ୍ଣୁ ପ୍ରସାଦ ଦାସ

ସେଦିନ ବୁଧବାର ଥିଲା, ଅଫିସ କାର୍ଯ୍ୟ ଶେଷ କରି ପ୍ରାୟ ସନ୍ଧ୍ୟା ୭ ଟା ସୁଦ୍ଧା ଘରେ ପହଂଚି ଯାଇଥିଲି ଓ ଯଦିଓ ଅଫିସ ୬ଟା ସମୟରେ ଛୁଟି ହୋଇଯାଏ ତେବେ ଅଫିସରୁ ଘରକୁ ଆସିବାକୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଯାଏ, ଆଜିକାଲି ରାସ୍ତାରେ ଯେଉଁଭଳି ଟ୍ରାଫିକ ଯାମ ତା'ପରେ ବସ ଗୁଡିକରେ ଅଫିସ ଛୁଟି ସମୟର ଭିଡ଼ ସତରେ ଘରକୁ ଫେରିବା ପାଇଁ ଗୋଟିଏ ପ୍ରତିଯୋଗିତା ପରି ଲାଗେ ଓ ଘରେ ପହଂଚି କେମିତ ଗାଧୁଆଘର ଯାଇ ଲୁଗାପଟା ବଦଳାଇବି ଆଉ ଟିକେ ଧୁଆ ଧୋଇ ହେବି ସେଇ ଚିନ୍ତା, ବସ ଷ୍ଟାଣ୍ଡରୁ ବସୁ ଓହ୍ଲାଇ ଘରେ ପହଂଚି କଲିଙ୍ଗବେଲ ସୁଇଚ ଟିପିଦେଇ ମୋର ଉପସ୍ଥିତି ଜଣାଇ ଦେଲି, ଶାଶୁମା' ଆସି କବାଟ ଖୋଲିଦେଲେ ଓ ଟିକେ ସ୍ମିତ ହାସ୍ୟ ଆଉ ତାଙ୍କର ଜିଜ୍ଞାସୁ ଉଜ୍ଜଳ ଚକ୍ଷୁ ଦୁଇଟି ସତେ ଯେମିତି ମୋର ଭଲ ମନ୍ଦ ପଚାରିବାକୁ ଆଗ୍ରହୀ, ମୋର ଶାଶୁମା ଖୁବ ସ୍ନେହୀ ମଣିଷଟିଏ, ସବୁବେଳେ ହସ ହସ ମୁଁହ ଓ ମୁଁ ବି ଟିକେ ହସିଦେଇ ଅଫିସ ବ୍ୟାଗଟିକୁ ଟେବୁଲ ଉପରେ ରଖିଦେଇ ସିଧା ଗାଧୁଆଘର ଭିତରକୁ ଚାଲିଗଲି ।

ପ୍ରାୟ ୧୫ ମିନିଟ ପରେ ଫେରି ନିଜକୁ ଟିକେ ସୁସ୍ଥ ଅନୁଭବ କରି ସୋଫା ଉପରେ ବସିଗଲି ଓ ଘରେ ନୂତନ ବ୍ୟକ୍ତିଙ୍କ ସ୍ୱର ଶୁଣି ଭାବିଲି ବୋଧହୁଏ କେହି ଘରକୁ ଆସିଛନ୍ତି ଓ ଶାଶୁମା' ଜଣେ ବୟସ୍କା ମହିଳାଙ୍କୁ ଧରି ଆସିଲେ, ମୁଁ ଦୁଇ ଜଣଙ୍କୁ ଦେଖି ସୋଫା ଉପରୁ ଉଠି ଠିଆ ହୋଇ ପଡିଲି, ଶାଶୁମା' ମୋତେ ଚିଂହାଇ ଦେଲେ 'ଇଏ ହେଉଛନ୍ତି ତୋ' ପିଉସୀ ଶାଶୁ' , ଦୁଇ ଜଣଙ୍କୁ ମୁଣ୍ଡିଆ ମାରି ଠିଆ ହୋଇଥିଲି , ଶାଶୁମା' କହିଲେ ' ଆଲୋ ରୁନୁ ତୋ' ବାହାଘର ବେଳେ ସେ ଆସିପାରିନ'ଥିଲେ ଖୁବ ଅସୁସ୍ଥ ଥିଲେ' ମୁଁ ଟିକେ ହସିଦେଇ କହିଥିଲି ' ହଁ ମା', ମୁଁ ତା'ଙ୍କ ବିଷୟରେ ଶୁଣିଛି ଆଜି ତା'ଙ୍କୁ ଦେଖିବାର ସୁଯୋଗ ପାଇଲି 'ବିବାହର ଅଢେଇ ବର୍ଷ ପରେ ପିଉସୀ ଶାଶୁଙ୍କ ସହିତ ଦେଖା ଖୁବ ଭଲ ଲାଗିଥିଲା ସେଦିନ, ପିଉସା ଶଶୁର କେବେଠାରୁ ଆରପାରିକୁ ଚାଲିଯାଇଛନ୍ତି ତେଣୁ ତା'ଙ୍କୁ ଦେଖିବାର ସୁଯୋଗ ପାଇନାହିଁ ଓ ପତଳା, ଗୌରବର୍ଣ୍ଣ ଦେଖିବାକୁ ଖୁବ ସୁନ୍ଦର ବୟସ ୬୦ ଉପରେ କିନ୍ତୁ ନିଜର ଯତ୍ନ ନେଉଥିବାରୁ ଏତେ ବୟସ୍କା ପରି ଆଦୌ ଜଣା ପଡନ୍ତି ନାହିଁ, ଠିକ ଏତିକି ବେଳେ ଆଲୋକ ଚା ' ନେଇ ସେଠି ପହଂଚି ଗଲେ, ଆଲୋକ ମୋର ସ୍ୱାମୀ , ଶାଶୁମା'ଙ୍କର ଗୋଟିଏ ମାତ୍ର ସନ୍ତାନ, ଆଲୋକ, ସରକାରୀ ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ । ଆଲୋକଙ୍କ ହାତରେ ଚା'ଟ୍ରେ ଦେଖି ପିଉସୀ ଶାଶୁଙ୍କର କିଛିଟା ଭାବ ଭଙ୍ଗୀରେ ପରିବର୍ତ୍ତନ ଲକ୍ଷ କରିଥିଲି । ଆଲୋକ ସମସ୍ତଙ୍କୁ ଚା' ଦେଇସାରି ନିଜେ ଗୋଟିଏ କପ ଚା' ଧରି ସୋଫା ଉପରେ ବସି କିଛି ବିଷୟ ଆରମ୍ଭ କରିବା ପୂର୍ବରୁ ପିଉସୀ ଶାଶୁଙ୍କ ବକ୍ତବ୍ୟ ଆରମ୍ଭ ହୋଇଗଲା, ଶାଶୁମାଙ୍କୁ ସେ କହିବା ଆରମ୍ଭ କରିଦେଲେ 'ଭାଉଜ , ଆଲୋକ କ'ଣ ଚା' କରି ଆଣିଲା ? ବୋହୂ କ'ଣ ଏଠି ବସିଛି ? ଶାଶୁମା' ଖୁବ ସହଜ ଭାବେ ଉତ୍ତର ଦେଲେ 'ବୁଝିଲ ବିନି, ଆଲୋକ ତ'ଶୀଘ୍ର ଘରକୁ ଫେରିଆସେ ତେଣୁ ସେ ତା'ର କାମ ସାରି ବସିଥାଏ, ବୋହୂ ରୁନୁ ଅଫିସରୁ ଆସିବାକୁ ଟିକେ ବିଳମ୍ବ ହୁଏ ଆଉ ସେ ବହୁତ ଥକି ଯାଇଥାଏ ସେଇଥିଲାଗି ମୁଁ ଆଲୋକକୁ କହିଛି ସେ ଟିକେ ଅପରାହ୍ନର ଚା' କରିଦେବ , ତା'ଛଡା ଦୁଇଜଣ ଯାକ ତ' ଚାକିରିଆ ତେଣୁ ମିଳିମିଶି ଯଦି ଘର ସଂସାର କାମ ନ କରିବେ ତେବେ କେମିତି ହେବ ତୁମେ କୁହ ? ଶାଶୁମା'ଙ୍କ କଥାଗୁଡ଼ିକ ପିଉସୀଶାଶୁ ଠିକ ହଜମ କରିପାରିଲେ ନାହିଁ ବୋଧ ହୁଏ , କାରଣ ତା'ଙ୍କର କପାଳ କୁଞ୍ଚନ ଏହା ସୂଚାଇ ଦେଉଥିଲା ଓ ମୁଁ ବି ଏହି କଥାକୁ ଏତେଟା ଗୁରୁତ୍ୱ ଦେଇ ନ'ଥିଲି ଓ ପରଦିନ ସଖାଳେ ଶୀଘ୍ର ଶୀଘ୍ର କାମ ସାରି ଅଫିସ ଯିବାକୁ ପଡିବ ତେଣୁ, ରାତ୍ରି ଭୋଜନ ପରେ କିଛି ଆଳାପ ଆଉ ନିର୍ଧାରିତ ସମୟରେ ଯେ ଯାହାର ରୁମରେ ଶୋଇପଡିଲେ ।

ସକାଳେ ରୋଷେଇ ଘରେ ଆଲୋକ ଆଉ ମୁଁ ଦୁଇଜଣ ମିଶି ରୋଷେଇ କରିବାରେ ବ୍ୟସ୍ତ ଥାଉ, ଶାଶୁମା' ଘରର ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଏହି ସମୟରେ ପିଉସୀ ଶାଶୁମାଙ୍କ ସ୍ୱର ଶୁଭିଲା 'ଭାଉଜ, ଭାଉଜ କୁଆଡେ ଗଲ ? ଆରେ ଏ'କି କଥା ଆଲୋକ କ'ଣ ରୋଷେଇ କରୁଛି ? ଏତେ ବ୍ୟସ୍ତତା ଭିତରେ ଆଲୋକ କହିଥିଲେ 'କଣ କିଛି ଅସୁବିଧା ହେଲାକି ? 'ନା' ରେ ବାପା, ଆଲୋକ, ତୁ' ମରଦ ପିଲାଟା ହେଇ ସେଇ ରୋଷେଇ ଶାଳରେ କାହିଁକି ପସିଛୁ ? ବୋହୂ କ'ଣ ରୋଷେଇ ଜାଣିନାହିଁ ନା' କରିବାକୁ କଷ୍ଟ ହେଉଛି ? ' ଆଲୋକଙ୍କ ମୁହଁର ରଙ୍ଗ ଟିକେ ବଦଳି ଯାଇଥିଲା ଅଭିମାନ ଆଉ କିଛିଟା ରାଗ ବୋଧ ହୁଏ ଆଲୋକଙ୍କ ମନ ଭିତରେ ଜମାଟ ବାନ୍ଧୁଥିଲା, ସେ କିଛି ନ'କହି ଚୁପ ରହିଥିଲେ ଆଉ ମୋ'ଶାଶୁମା' ତତ୍‌କ୍ଷଣାତ ସେଠାରେ ଉପସ୍ଥିତ ହୋଇ ପରିସ୍ଥିତିକୁ ସମ୍ଭାଳିନେଲେ , 'ବିନି ମୁଁ ଆଲୋକକୁ ରୋଷେଇ ଶିଖାଇ ଦେଇଛି, ସେ ଖୁବ ଭଲ ରୋଷେଇ କରିପାରେ ଆଉ ରୁନୁ ବି ବହୁତ ସାହାଯ୍ୟ କରେ, ଏଥିରେ ଭୁଲ କ'ଣ ରହିଲା ଯେ ? ' ଦୁଇଜଣ ଚାକିରିଆ ହେଲେ ତ' ଅନେକ କିଛି ନିଜ ନିଜ ଭିତରେ ସହଯୋଗର ହାତ ବଢାଇବାକୁ ପଡିବ, ନ'ହେଲେ ଅଶାନ୍ତି ଆଉ ଗୃହଯୁଦ୍ଧର ଆରମ୍ଭ ।

ପିଉସୀ ଶାଶୁଙ୍କ ଏପରି କଥା ଆଦୌ ଭଲ ଲାଗୁ ନ'ଥିଲା, ଶାନ୍ତ ପରିବେଶକୁ ଅଶାନ୍ତ କରିବାର ସବୁ ପ୍ରକାର ଗୁଣରେ ସେ ପରିପୂର୍ଣ୍ଣଓ ଥିଲେ, ତା'ଙ୍କର ସାତଦିନ ରହଣି ଭିତରେ ଆମ ଘରର ପ୍ରତି କଥାରେ ସେ ମୁଣ୍ଡ ପୁରାଇବାକୁ ନିଜର ଅଧିକାର ବୋଲି ଭାବୁଥିଲେ, ଜାଣେନା କାହିଁକି ଏପରି ଚରିତ୍ର ମାନଙ୍କୁ ଭଗବାନ ସୃଷ୍ଟିକୁ ଆଣିଛନ୍ତି ? ନିଜର ସୁଖ, ନିଜର ସ୍ୱାର୍ଥ ପାଇଁ ଆଉ ନିଜର ଇଚ୍ଛା ଶକ୍ତିକୁ ଅନ୍ୟ ଉପରେ ଲଦିଦେଇ କିଯେ ଆନନ୍ଦ ପାଆନ୍ତି କେବଳ ସେମାନେ ଜାଣନ୍ତି ଓ ସେଇଥି ପାଇଁ ସ୍ୱାମୀଙ୍କ ଦେହାନ୍ତ ପରେ ଝିଅଘରେ ରହି ଝିଅ, ଜ୍ୱାଇଁ ଉପରେ ହାକିମାତି ଦେଖାନ୍ତି ଆଉ ନାତି ନାତୁଣୀଙ୍କର ଆୟା ହେବାକୁ ପସନ୍ଦ କରନ୍ତି ଓ ସେ ଯାହା ହେଉ ସେ ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ କିନ୍ତୁ ଏହିପ୍ରକାର ଅନ୍ୟର ଘରେ ଅନଧିକାର ପ୍ରବେଶ କରି ଅଶାନ୍ତି ନ'କରନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା, ତା'ଙ୍କର ସାତଦିନ ରହଣି ସତେ ଯେମିତି ଆମକୁ ସାତ ବର୍ଷ ପରି ଲାଗିଥିଲା ଓ ଆଲୋକ ଯେତେବେଳେ ମାଟ୍ରିକ ପଢୁଥିଲେ ଗୋଟିଏ ଦୁଖଦଃ ଗାଡି ଦୁର୍ଘଟଣାରେ ତା'ଙ୍କ ପିତା ଆରପାରିକୁ ଚାଲିଗଲେ, ମୋର ଶାଶୁମା' ଖୁବ କଷ୍ଟ କରି ଆଲୋକଙ୍କୁ ମଣିଷ ପରି ମଣିଷ ଟିଏ କରି ଗଢି ତୋଳିଛନ୍ତି, ଆଜି ଆଲୋକ ପ୍ରତିଷ୍ଠିତ, ସେ ତା'ଙ୍କ ମା'ଙ୍କୁ ଖୁବ ଭଲ ପାଆନ୍ତି , ମା'ପୁଅ ଦୁଇଜଣ ଦୁଇଜଣଙ୍କ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ ଓ ଆଲୋକ ଆଉ ଶାଶୁମା' ଦୁଇଜଣ ମୋ' ମନରେ କେବେବି କଷ୍ଟ ଦେଇନାହାନ୍ତି , ମୁଁ ନିଜକୁ ଖୁବ ଭାଗ୍ୟବତୀ ଭାବେ, ଆଜିକାଲିର ଦୁନିଆରେ ଏପରି ସ୍ୱାମୀ ଆଉ ଶାଶୁମା' ପାଇବା ଖୁବ ବିରଳ ଓ ପରିବାରରେ ତିନିଜଣ, ପରସ୍ପର ପରସ୍ପରଙ୍କୁ ଖୁବ ନିବିଡ଼ ଭାବେ ଭଲପାଉ ଆଉ ପ୍ରତିଟି କଥାରେ ସହଯୋଗ କରିଥାଉ ତେଣୁ ଆମ ଘର ସ୍ୱର୍ଗ ପରି ମନେ ହୁଏ ଓ ଭଲପାଇବା ଆଉ ତ୍ୟାଗରେ ଯେଉଁ ଆନନ୍ଦ ମିଳେ ତାହା କେବଳ ହୃଦୟରେ ଅନୁଭବ କରିହୁଏ, ବ୍ୟାଖ୍ୟା କରିବା ସମ୍ଭବ ନୁହେଁ ଓ ଶାଶୁମା'ଙ୍କ ଆମ ପାଖରେ ସବୁବେଳେ ଗୋଟିଏ ଅଳି ଆଉ ଆମେ ଦୁଇଜଣ ସେହି ଅଳିକୁ ଏତେ ଶୀଘ୍ର ପୂରଣ କରିବାକୁ ଇଚ୍ଛା କରୁନଥିଲୁ, ସେ ଯେତେବେଳେ ସେହି ପ୍ରସଙ୍ଗ ଉଠନ୍ତି ଆମେ ଦୁଇଜଣ ହସି ହସି ହଉ ଦେଖିବା କହି ଏଡାଇ ଯାଉ , ସେ କୁହନ୍ତି ' ଆରେ ଆଲୋକ ଆଉ ରୁନୁ ସାରାଦିନ ଏତେବଡ଼ ଘର ଟାରେ ଏକା ବସୁଛି , ତୁମେ ଦୁଇଜଣ ତ' ଅଫିସ ଚାଲିଯାଉଛ ତେବେ ମୋତେ ଗୋଟିଏ ନାତି କି ନାତୁଣୀ ଦେଉନ' ମୁଁ ହେଲେ ତା' ସହିତ କିଛି ସମୟ ବିତେଇ ଦେଇ ପାରିବି 'ଆଲୋକ କହନ୍ତି' ବୋଉ ତୁ' ଏତେ ବ୍ୟସ୍ତ କାହିଁକି ହେଉଛୁ ଟିକେ ସମୟ ଦେ, ସବୁ ଠିକ ହୋଇଯିବ 'ଶାଶୁମା' ଟିକେ ମୁହଁ ଫୁଲେଇ ଅଭିମାନ କରନ୍ତି ଆଉ ମୁଁ ତା'ଙ୍କୁ ଟିକେ କୁଣ୍ଢେଇ ପକେଇ ଆଶ୍ୱାସନା ଦିଏ , ତା' ପରେ ସବୁ ଠିକ ଆଉ ଯେ ଯାହାର କାର୍ଯ୍ୟରେ ଚାଲିଯାଉ ଓ ମୋ ଶାଶୁଙ୍କ ପରି ଶାଶୁ ଆଉ ଆଲୋକ ପରି ସ୍ୱାମୀ ସମସ୍ତଙ୍କୁ ମିଳୁ ଏହା ହିଁ ମୋର ପ୍ରାର୍ଥନା ।

ସାବିତ୍ରୀ ଅମାବାସ୍ୟାର ଦୁଇଦିନ ପୂର୍ବରୁ ବାପା ଆସିଥିଲେ , ସାବିତ୍ରୀ ଭାର ଦେଇଗଲେ, ଶାଶୁମା', ଆଲୋକଙ୍କ ସହିତ କେତେ ଦୁଃଖ ସୁଖ ହୋଇ ଭଲ ମନ୍ଦ ବୁଝି ବିଦାୟ ନେଲେ ଓ ଆମ ସମସ୍ତଙ୍କର ଅନେକ ଅନୁରୋଧ ସତ୍ତ୍ୱେବି ସେ କୌଣସି ଜିନିଷ ଖାଇଲେ ନାହିଁ ତା'ର କାରଣ ନାତି, ନାତୁଣୀ ନ'ହେବ ପର୍ଯ୍ୟନ୍ତ ସେ ଝିଅ ଘରେ ଖାଦ୍ୟ ଗ୍ରହଣ କରିବେ ନାହିଁ ଏହି ପ୍ରଥା କେଉଁ ଅନନ୍ତ କାଳରୁ ଚାଲି ଆସିଛି ଆଉ ତା'କୁ ଆଜିବି କିଛି ପିତା, ମାତା ମାନୁଛନ୍ତି ଓ ବାପା ମୋର ଖୁବ ଅମାୟିକ ଆଉ ସରଳ ଜୀବନ ଜାପାନ କରନ୍ତି, ଖୁବ ଦରଦୀ ମଣିଷ ଟିଏ କିନ୍ତୁ କେବେ ବି ଏହି କଥା କାହାରି ପାଖରେ ପ୍ରକଶ କରନ୍ତି ନାହିଁ, ଯେଉଁମାନେ ତା'ଙ୍କୁ ଖୁବ ନିକଟରୁ ଜାଣିଛନ୍ତି ସେଇମାନେ ହିଁ କେବଳ ତା'ଙ୍କ ବିଷୟରେ କିଂଚିତ ଜାଣନ୍ତି ଓ ବାପା ଗାଁ ସ୍କୁଲର ପ୍ରଧାନ ଶିକ୍ଷକ, ଆଦର୍ଶ ଶିକ୍ଷକ ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ, ନିଜ ଦାୟିତ୍ୱକୁ ସେ ଖୁବ ସୁଚାରୁରୂପେ ସମ୍ପାଦନ କରିବା ସହିତ ଅନେକ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପଢ଼ାଇଥାନ୍ତି ଓ ପାଞ୍ଚଖଣ୍ଡ ମୌଜାରେ ତାଙ୍କୁ ସମସ୍ତେ ଚିହ୍ନନ୍ତି ଓ ମୋ'ର ଯେତେବେଳେ ପଞ୍ଚମ ଶ୍ରେଣୀ ମୋ' ଭାଇ ସପ୍ତମ ଶ୍ରେଣୀରେ ପଢୁଥିଲା , ଆମେ ଭାଇ ଭଉଣୀ ଖୁବ ଭଲ ପାଠ ପଢୁଥିଲୁ ଘରେ ମୋର ବୋଉ, ସେ ଟିକେ ରୋଗୀଣା ଆଉ ବେଶୀ କାମ କରି ପାରେନାହିଁ ତେଣୁ ବାପା ଭାଇ ଓ ମୁଁ ମିଶି କିଛି କିଛି କାମରେ ସାହାଯ୍ୟ କରିଥାଉ ଓ ଗାଈ, ବାଛୁରୀ , ଗୁହାଳ କାମ ପାଇଁ ରାଧୁକକା ଆସନ୍ତି ଓ ସ୍କୁଲରେ ଥିବା ସମୟରେ ଖବର ପାଇଲି ମୋ'ର ବୋଉ ଭୀଷଣ କଷ୍ଟ ପାଉଛି, ବାପା ବୋଉକୁ ସ୍ଥାନୀୟ ହାସ୍ପାତାଳ ନେଇ ଗଲେ ଆଉ ଡାକ୍ତର ଦେଖି ବାପାଙ୍କୁ କହିଲେ

ପ୍ରାଚୀରପତ୍ର ଉଦ୍‌ଘାଟିତ

ଭଦ୍ରକ, ୧୫/୦୧ (ନି.ପ୍ର): ଭଦ୍ରକ ସହରର ମୁଖ୍ୟଡାକଘର ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ଋତୁରାଜ ଆୟୁର୍ବେଦ ଭବନ ନିକଟରେ ସାହିତ୍ୟ ପ୍ରାଚୀରପତ୍ର 'ସହୋଦର ସାହିତ୍ୟାୟନ'ର ଉଦ୍‌ଘାଟନ ହୋଇ ଯାଇଛି। ସମ୍ପାଦିକା ସୁଜାତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟକ ଙ୍କ ଅଭୟ ସୂତାର, ମୁଖ୍ୟ ଅତିଥି ସାନ୍ଧ୍ୟଦିକ ତପନ କୁମାର ମିଶ୍ର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୂଆ ପିଢ଼ିର ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଶ୍ରୀମତୀ ରାଉତ କରିଥିବା ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ପ୍ରତି ୧୫ ଦିନରେ ଲେଖା ପରିବର୍ତ୍ତନ ହେବ ଏବଂ ପ୍ରତି ମାସ ଏକ ବୈଠକ କରାଯାଇ ଲେଖକ, ଲେଖିକା, କବିମାନଙ୍କୁ ଉତ୍ସାହିତ କରିବାକୁ ପ୍ରେରଣାଦାୟୀ ଆଲୋଚନା କରାଯିବ। ଆସିଥିବା ଲେଖାକୁ ଅଭିଜ୍ଞ ସାହିତ୍ୟିକମାନଙ୍କ ଦ୍ୱାରା ଚୟନ କରାଯାଇ ପ୍ରାଚୀରପତ୍ରରେ ସ୍ଥାନିତ କରାଯିବ ବୋଲି ସମ୍ପାଦିକା ରାଉତ କହିଥିଲେ। ଏହି ଉତ୍ସବରେ ଋତୁରାଜ ଅକ୍ଷୟ, ପୂର୍ବତନ ଅଧ୍ୟକ୍ଷ ଡ. ଅବନୀ ପ୍ରଧାନ, ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ, ନିତ୍ୟାନନ୍ଦ ଦାସ, ବିଜୟ କୁମାର ବହଳୀ, ଅଧ୍ୟାପକ ନିହାର କର, ମନୋରମା ରାୟ, ଜାନକୀ ପାଢ଼ୀ, କୈଳାସ ଦାସ ପ୍ରମୁଖ ସାହିତ୍ୟାନୁରାଗୀ ଯୋଗ ଦେଇଥିଲେ।

ଅଟ୍ରିରେ ଶ୍ରଦ୍ଧାଳୁଙ୍କ ଭିଡ : ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ

ଖୋର୍ଦ୍ଧା, ୧୫/୦୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଅବସରରେ ହଟ୍ଟକେଶ୍ୱର ମହାଦେବ ଏବଂ ଅଟ୍ରିରେରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଚଳିତ ବର୍ଷ କୋଭିଡ କଟକଣା ନଥିବା ଯୋଗୁ ହଟ୍ଟକେଶ୍ୱରଙ୍କ ପୀଠରେ ମକର ମେଳା ଏବଂ ଅଟ୍ରିରେ ମକର ମହୋତ୍ସବ ବେଶ ଧୂମଧାମରେ ହୋଉଛି । ଶନିବାର ହଜାର ହଜାର ଭକ୍ତ, ପର୍ଯ୍ୟଟକ ଅଟ୍ରି ଉଷ୍ଣ ପ୍ରସ୍ରବଣରେ ବୁଡ ପକାଇ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କରିଛନ୍ତି । ଏଥିସହିତ ମାନସିକ ପୂରଣ ପରେ ବହୁ ମା ନିଜ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରିଛନ୍ତି । ଶନିବାର ବଡି ଭୋରରୁ ମାନସିକ ଧାରୀ ମହିଳାମାନେ ଅଟ୍ରିରେ ଦହଲ(ମାନସିକ କୁଣ୍ଡ)ରୁ ଗୁଆ ଖୋଜିଥିଲେ । ଅଟ୍ରିରେ ଏହି ପରମ୍ପରା ଅତି ପ୍ରାଚୀନ ବୋଲି କୁହାଯାଏ । ଅପୁତ୍ରିକ ମହିଳା ମାନେ ପୂର୍ବ ଦିନ ମାସନ୍ତରୁ ହଟ୍ଟକେଶ୍ୱରଙ୍କ ଠାରେ ମାନସିକ ରଖି ତା ପରଦିନ ମକର ସଂକ୍ରାନ୍ତି ଦିନ ଅଟ୍ରିରେ ଭୋର ସମୟରେ ଦହଲ(ମାନସିକ କୁଣ୍ଡ)ରେ ପୂଜକଙ୍କ ଠାରୁ ପାଦୁକ ଗ୍ରହଣ ପରେ ଗୁଆ ପକାଇ ଖୋଜନ୍ତି । ଏହା ହେଉଛି ଅଟ୍ରିର ଏକ ଅଭିନ୍ନ ପରମ୍ପରା । ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ଏହା ହେଉଛି ଏହି ସ୍ଥାନରେ ଅଲୌକିକ ଘଟଣା । ଆଧୁନିକ ଚିକିତ୍ସା ବିଜ୍ଞାନ ସତ୍ତ୍ୱେ ଏହି ପ୍ରାଚୀନ ପରମ୍ପରା ଆଜି ମଧ୍ୟ ଏଠାରେ ଉଜ୍ଜିବିତ ରହିଛି । ଉଷ୍ଣ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଲ ବୋଲି କୁହାଯାଏ । ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୂର୍ଣ୍ଣ୍ୟ ମିଳେ । ଉଷ୍ଣ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳୁ ମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ,ଚନ୍ଦନ ଦୁବ ତୁଳସୀ ବରକୋଳି ପତ୍ର ପ୍ରଭୃତି ନିକ୍ଷେପ କରିଥାନ୍ତି । ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପିତ କରାଯାଏ । ଏହି ପାଦୁକା ସେବନ କରି ଆତ୍ମତୃପ୍ତି ଅନୁଭବ କରିଥାନ୍ତି ।

ମକର ମେଳା ହେଉଛି ହଟ୍ଟକେଶ୍ୱରଙ୍କ ବଡ ପର୍ବ । ଦୁଇବର୍ଷ ହେବ କରୋନା କଟକଣା ଯୋଗୁ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଏବଂ ଅନ୍ୟାନ୍ୟ ବିଧି ସମ୍ପର୍ଣ୍ଣ ହୋଇଥିବାବେଳେ ଚଳିତବର୍ଷ କିନ୍ତୁ ମହା ଆଡମ୍ବରରେ ପାଳନ କରାଯାଉଛି । ଶ୍ରଦ୍ଧାଳୁ ମାନେ ଅଟ୍ରିରେ ସ୍ନାନ ସାରି ଧାଡିରେ ରହି ହଟ୍ଟକେଶ୍ୱର ଠାକୁରଙ୍କୁ ବିଲ୍ୱପତ୍ର, ନଡିଆ କଦଳୀ ପ୍ରଭୃତି ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି ପରବାର ସୁଖଶାନ୍ତି ମନାସୀ ଥିଲେ । ହଟ୍ଟକେଶ୍ୱର ଦେବଙ୍କ ପୂଜକ ଦିଲିପ ପଣ୍ଡା କୁହନ୍ତି ଭୋର ୩ଟା ସମୟରେ ଦ୍ୱାରଫିଟା, ୪ଟାରେ ମଙ୍ଗଳ ଆଳତୀ,ଗଜପତିଙ୍କ ନାମରେ ଜଳାଭିଷେକ, ପରେ ଅନ୍ୟାନ୍ୟ ଦେବନୀତି ପରେ ୫ଟା ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ମଧ୍ୟାହ୍ନରେ ସକାଳ ଧୂପ ବଢିଥିଲା । ଅପରାହ୍ନରେ ୪ଟାରେ ହଟ୍ଟକେଶ୍ୱର ମହାଦେବ ବିଶାଳ ପଟୁଆରରେ ନାମ ସଂକୀର୍ତ୍ତନ, ବାଦ୍ୟ ବାଜଣା ସହ ମନ୍ଦିରରୁ ବାହାରି ଉଷ୍ଣ ପ୍ରସ୍ରବଣରେ ଉବୁକା(କୁଆ କୁଣ୍ଡ) ତିନି ଘେରା ପ୍ରଦିକ୍ଷଣ ସହ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇ ମନ୍ଦିରକୁ ଫେରିଥିଲେ । ସନ୍ଧ୍ୟାରେ ଗଜପତି ମହାରାଜଙ୍କ ପକ୍ଷରୁ ମକର ଚାଉଳ ଭୋଗ ଲାଗି ହୋଇଥିଲା । ପରେ ମକର ଚାଉଳ ଶ୍ରଦ୍ଧାଳୁଙ୍କ ବଂଟନ କରାଯାଇଥିଲା ।

ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଓ ବାର୍ଷିକ ଉତ୍ସବ

ଖୋର୍ଦ୍ଧା , ୧୫/୦୧ (ନି.ପ୍ର): ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦର,ଖୋର୍ଦ୍ଧା ପରିସରରେ ଯୁବ ରେଡ଼କ୍ରସ୍ ଜାତୀୟ ସେବା ଯୋଜନା, ଭାରତ ସ୍କାଉଟ୍ ଓ ଗାଇଡ୍ ଏବଂ ଏନ୍.ସି.ସି. ତରଫରୁ ଜାତୀୟ ଯୁବ ଦିବସ ସହିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଶ୍ରୀଯୁକ୍ତ ତରୁଣକାନ୍ତି ରାୟଙ୍କ ସାଭପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଉତ୍ସବରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଶ୍ରୀଯୁକ୍ତ ଡ଼କୁର କାର୍ତ୍ତିକ କୁମାର ଜେନା ମୁଖ୍ୟ ବକ୍ତା, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ରୂପଶ୍ରୀ ଗୁମାନସିଂହ ମୁଖ୍ୟ ଅତିଥ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ଼କୁର ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ସମ୍ମାନୀତ ଅତିଥି , କାଇପଦର ଗ୍ରାମର ସମିତି ସଭ୍ୟ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ବଳିଆରସିଂହ ସମ୍ମାନୀତ ବକ୍ତା ସମେତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼କୁର ଦେବେନ୍ଦ୍ର କୁମାର ମାନସିଂହ, ଡ଼ଃ ଜଗମୋହନ ପଟ୍ଟନାୟକ, ଡ଼ଃ ମନୋଜ କୁମାର ସାମନ୍ତରାୟ, ଶ୍ରୀଯୁକ୍ତ ଅଶୋକ କୁମାର ରାୟସିଂହ ବୃନ୍ଦ, ଅଧ୍ୟାପକ ଡ଼କୁର ଜନ୍ମେଜୟ ଚୌଧୁରୀ (ଯୁବ ରେଡ଼କ୍ରସର କାଉନ୍‌ସେଲର), ଅଧ୍ୟାପିକା ଅନୁପମା ଚମ୍ପତିରାୟ (ଜାତୀୟ ସେବା ଯୋଜନା ଅଧିକାରିଣୀ) , ଅଧ୍ୟାପକ ମାନସ କୁମାର ଜୟସିଂହ (ଭାରତ ସ୍କାଉଟ୍ ଓ ଗାଇଡ୍ ଅଫିସର) , ଅଧ୍ୟାପକ ଶ୍ରୀଯୁକ୍ତ ତପନ କୁମାର ପୃଷ୍ଟି (ଏନ୍.ସି.ସି. ଅଫିସର), ଅଧ୍ୟାପିକା ଡ଼ଃ ସଂଯୁକ୍ତା ପଟ୍ଟନାୟକ ଯୋଗ ଦେଇ ଜାତୀୟ ଯୁବ ଦିବସର ମହତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅଧ୍ୟାପକ ଶ୍ରୀଯୁକ୍ତ ପ୍ରତାପ କିଶୋର ଛୋଟରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଅଧ୍ୟାପିକା ଶ୍ରୀମତୀ ସୁଜ୍ଞାନୀ ଭଂଜ ସାମନ୍ତ । ଇତି ଅବସରରେ ତିନିଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ଉତ୍ସବର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ଦିଗମ୍ବର ବଳିୟାରସିଂହ, ନିକଟସ୍ଥ ଉଚ୍ଚ ବିଦ୍ୟାଳୟମାନଙ୍କର କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀନିବାସ ଶ୍ରୀଚନ୍ଦନ, ଶ୍ରୀଯୁକ୍ତ ପ୍ରଶସ୍ତ କୁମାର ବେହେରା ଓ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ବଳିୟାରସିଂହ, ଉତ୍ସବରେ ମହାବିଦ୍ୟାଳୟର ଶୁଭେଚ୍ଛୁ ଶ୍ରୀଯୁକ୍ତ ସନ୍ନା ଉଲ୍ଲା ମିଆଁ, ଶ୍ରୀଯୁକ୍ତ ଅବଦୁଲ ଶୋଭନ, ପୂର୍ବତନ କିରାଣୀ ଶ୍ରୀଯୁକ୍ତ ସେକ୍ ଐଶାନ ଉଲ୍ଲା, ଶ୍ରୀଯୁକ୍ତ ତପନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ଅଧ୍ୟାପିକା ଶ୍ରୀମତୀ ସଚଳା ସାମନ୍ତରାୟ । ଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଶ୍ରୀଯୁକ୍ତ ଭୁବନେଶ୍ୱର ନାୟକ, ଅଧ୍ୟାପିକା ଅନୀତା ପଣ୍ଡା, ଅଧ୍ୟାପିକା ଅନୀତା ଦାସ, ଅଧ୍ୟାପିକା ସ୍ୱୟଂପ୍ରଜ୍ଞା ମାନନ୍ଧାତା , ଅଧ୍ୟାପକ ସୌମ୍ୟରଂଜନ ମିଶ୍ର, ଅଧ୍ୟାପକ ସୁଧାଂଶୁ ଶେଖର ରଣସିଂହ ଏବଂ ପୂର୍ବତନ ସରପଞ୍ଚ ବିଜୁ ଅରିସଲ ଯୋଗଦାନ କରିଥିଲେ ।

୧୯ ତମ ଡଗରା ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୧୫/୦୧ (ନି.ପ୍ର): ଡଗରା ବେଳାଭୂମି ବିଶ୍ୱର ଏକ ଅନନ୍ୟ ପ୍ରାକୃତିକ ବେଳାଭୂମି । ନାଲି କଙ୍କଡ଼ାଙ୍କ ଗୋଲାପୀ ଶେଜ ସର୍ବୋପରି ଏହାର କାନ୍ତ କମନୀୟ ପରିବେଶ ପର୍ଯ୍ୟଟନ ପାଇଁ ଉତ୍କୃଷ୍ଟ ବୋଲି ଶନିବାର ସନ୍ଧ୍ୟାରେ ୧୯ ତମ ଡଗରା ବେଳାଭୂମି ମହୋତ୍ସବକୁ ଉଦଘାଟନ କରି ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଖୁବ ଶୀଘ୍ର ଏହାର ବିକାଶ ଆଗକୁ ବଢ଼ିବ ବୋଲି ସେମାନେ ମଧ୍ୟ କହିଛନ୍ତି। ଉତ୍ସବ କମିଟି ସଭାପତି ଅଧ୍ୟାପକ ଡ଼ଃ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଯୋଗଦେଇ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ବାଲିଆପାଳର ତହସିଲଦାର ଦୀପକ କୁମାର ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁମନ୍ତ କୁମାର ଜେନା, ୨୨ ନଂ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ୨୩ ନଂ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା,ଡଗରା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବ କମିଟିର ସମ୍ପାଦକ ସୁବଲ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସଭ୍ୟ ଅମରେନ୍ଦ୍ର ଦାସ ମଞ୍ଚ ଆହ୍ୱାନ କରିଥିଲେ। ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଓ ସହ ସମ୍ପାଦକ ରବିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ଗୋପ ନାରାୟଣ ଜେନା , ବିମଳ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ସମ୍ପାଦକ ପ୍ରଣବ କୁମାର ସାହୁଙ୍କ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ଅପରାହ୍ନରୁ ରାତି ଯାଏ ମନୋରଞ୍ଜନ କାର୍ଯ୍ୟକ୍ରମରେ ବିଜୟ କୁମାର ଘୋଷ ଓ ତାଙ୍କ ସହଯୋଗୀ ମାନେ ପାଲା ଗାଆଣ, ଡଗରା ଅନନ୍ତ ବଳିଆ ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ଗୁରୁ ହରିପଦ ଦାସ ଓ ଅନ୍ୟ କଳାକାର ମାନେ ନୃତ୍ୟ ଗୀତ , ରାଜ୍ୟ ସଂସ୍କୃତି ବିଭାଗର ବରଗଡ଼ ଜିଲ୍ଲା ଚକାବେଣୀ ସାଂସ୍କୃତିକ ପରିଷଦର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକମାନେ ଖୁବ ଝୁମିଥିଲେ ।

ପେଣ୍ଠକଟାରେ ମକରମେଳା ଅନୁଷ୍ଠିତ

ପୁରୀ, ୧୫/୦୧ (ନି.ପ୍ର): ପ୍ରତ୍ୟେକ ପର୍ବ ପର୍ବାଣୀ ଆମ ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେଶିତ। ଏହା ଭାଇଚାରା ଓ ସଦଭାବନାର ବାର୍ତା ଦେଇଥାଏ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ପୁରୀ ପେଣ୍ଠକଟା ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକମାନଙ୍କୁ ନେଇ 'ମକରମେଳା' ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସମର୍ଥ ବର୍ମା, ସମ୍ମାନିତ ଅତିଥିଭାବେ ପୌରପାଳିକାର ଏନଫୋର୍ସମେଂଟ ଅଧିକାରୀ ରାକେଶ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଧାଂଶୁ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କମ୍ୟୁନିଟି ଆକ୍ସନ କୋଲାବ ର ପ୍ରତିଷ୍ଠାତା ଶିବ କୁମାର ଭୃତି, ଅନୁଷ୍ଠାନର ମୁଖ୍ୟ ଏସ ବାଲାକ୍ରୀସ୍ନନ ପ୍ରମୁଖ ଯୋଗଦାନ କରି ମତ୍ସ୍ୟଜୀବୀ ମାନଙ୍କ ପାଇଁ ଥିବା ବିବିଧ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ।

ସିସି ଟିଭି ନଜରରେ ମା କ୍ଷେତ୍ରବାସୀ ପୀଠ

ଧାମନଗର, ୧୫/୦୧ (ନି.ପ୍ର): କଲେଇ ପଞ୍ଚାୟତ ଚୁନିଦା ଠାରେ ଅବସ୍ଥିତ ମା' କ୍ଷେତ୍ରବାସୀ ପୀଠରେ ହାଇ ସୀକ୍ୟୁରିଟି ସିସିଟିଭି କ୍ୟାମେରା ଲାଗିଛି । ମା' ସ୍ୱପ୍ନେଶ୍ୱରୀ ସନ୍ତୋସୀ ମନ୍ଦିର ପ୍ରତିଷ୍ଠାତା ବାସନ୍ତୀ ଲତା ପରିଡ଼ାଙ୍କ ଦ୍ୱାରା ଏହି କ୍ୟାମେରା ଲଗା ଯାଇଛି । ମା'କ୍ଷେତ୍ରବାସୀ ମନ୍ଦିର ଓ ମା' ସ୍ୱପ୍ନେଶ୍ୱରୀ ସନ୍ତୋସୀ ମନ୍ଦିର ସୁରକ୍ଷା ସାଙ୍ଗକୁ ଏଠାରେ ଅନୁଷ୍ଠିତ ହେଉଥିବା ପର୍ବ ପର୍ବାଣୀର ସୁରକ୍ଷା ପାଇଁ ଏହି କ୍ୟାମେରା ଲଗାଯାଇଥିବା ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା କହିଛନ୍ତି । ତେବେ ମନ୍ଦିର ଏବଂ ମନ୍ଦିର ଆଖପାଖ ଅଞ୍ଚଳରେ ମୋଟ ଆଠ ଗୋଟି କ୍ୟାମାରା ଲାଗିଛି । ଏଠାରେ ସୂଚନା ଥାଉକି, ଏହି ପୀଠରେ ବାରମାସରେ ତେର ପର୍ବ ପାଳିତ ହୋଇଠାରେ । ବିଶେଷ କରି ମକର ମେଳା ଏହି ପୀଠରେ ଧୁମଧାମରେ ପାଳିତ ହୁଏ । ଆଖପାଖ ଅଞ୍ଚଳ ସମେତ ଜିଲ୍ଲାରୁ ହଜାର ହଜାର ଲୋକ ମାନେ ରୁଣ୍ଡ ହୋଇଥାନ୍ତି । ଯାହାକୁ ନଜରରେ ରଖି ଏହି ସିସିଟିଭି କ୍ୟାମେରା ଲଗାଯାଇଛି, ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଆଇ ଆଇସି ମୃତ୍ୟୁଞ୍ଜୟ ସାର ଏହି ଦୁଇଟି ଥିବା ମନ୍ଦିର ପରିସର ଭିତରେ ବୃକ୍ଷ ରୋପଣ କରିଥିଲେ।

ଦ୍ୱିତୀୟ ବାର୍ଷିକ ମୋ ଉତ୍ସବ

ଧାମନଗର, ୧୫/୦୧ (ନି.ପ୍ର): ବ୍ଲକରେ ଥିବା କୋଠାର ମା ସାରଦା ଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଆଜି ତାର ଦୁତୀୟ ବର୍ଷ ବାର୍ଷିକ ମୋହଉତ୍ସବ ଅନୁଷ୍ଠିତ ହୋଇଯାଇଛି , ୧୯୮୮ରେ ସ୍ଥାପିତ ହୋଇଥିବା ଏ ବିଦ୍ୟାଳୟ ୩୫ ବର୍ଷ ରେ ପାଦ ଦେଇଛି। ଏ ବାର୍ଷିକ ଉତ୍ସବକୁ ବଡ଼ ଧୁମଧାମରେ ପାଳନ କରାଯାଇଥିଲା. ଏହି ଅବସରରେ ବିଦ୍ୟାଳୟ ରେ ଅଧ୍ୟାପିକା ପୁଷ୍ପାଞ୍ଜଳି ରାଉତଙ୍କ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା ମୁଖ୍ୟ ଅତିଥି ଭାବେ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ୍ ଯୋଗ ଦେଇଥିଲେ, ଏ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ନାରାୟଣ ଚନ୍ଦ୍ର ପାଢ଼ୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ, ଓ ସଂନମାନୀୟ ଅତିଥି ଭାବେ ପୂର୍ବତନ ଅଧ୍ୟାପକ ବିଶ୍ୱମ୍ବର ଦାସ, ଏବଂ ସ୍ଥାନୀୟ କୋଠାର ରାମକିଶନ ମଠର ସ୍ୱାମୀ ଦେବଶାନନ୍ଦ ମାହାରାଜା ଏ ଉତ୍ସବକୁ ଉଦ୍ ଘାଟନ କରିଥିଲେ ଏବଂ ସ୍ଥାନୀୟ ଧାମନଗର ଅଞ୍ଚଳରେବହୁ ବୁଦ୍ଧିଜିବୀ ମାନେ ମଧ ଯୋଗ ଦେଇଥିଲେ, ବିଦ୍ୟାଳୟ ପକ୍ଷରୁ ଏକ ପୁସ୍ତକ ମଧ ଉନ୍ମୁଚିତ କରାଯାଇଛି ଯଉ ପୁସ୍ତକ ନାମ ମା ସାରଦା ନାମ ରଖାଯାଇଛି. ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଛାତ୍ର ଛାତ୍ରୀ ମାନଙ୍କୁ ମାନ ପତ୍ର ପ୍ରଦାନ କରାଯାଇଥିଲା ।

ଗୃହବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଭଦ୍ରକ, ୧୫/୦୧ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ଗୃହବିଜ୍ଞାନ ବିଭାଗର ନବାଗତ +୩ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିବାସହ ଯେକୌଣସି ଘରର ରନ୍ଧନଶାଳା ଯେପରି ପରିବାରର ସ୍ୱାସ୍ଥ୍ୟ, ସଂସ୍କାର ଓ ବ୍ୟବହାରକୁ ନିୟନ

ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପାରାଦ୍ୱୀପ ୨୦୦୩ ବ୍ୟାଚର ବନ୍ଧୁମିଳନ

ପାରାଦ୍ୱୀପ, ୧୫/୦୧ (ନି.ପ୍ର): ପାରାଦ୍ୱୀପର ପୁରାତନ ଶିକ୍ଷାନୁଷ୍ଠାନ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୨୦୦୩ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଜାନୁଆରୀ ୧୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସ୍ଥାନୀୟ ଗଲ୍ଫ କୋର୍ସ ୩୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରମାନେ ଏକାଠି ହୋଇ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ । ସ୍ୱର୍ଗତ ବନ୍ଧୁ ମାନଙ୍କ ପାଇଁ ନିରବ ପ୍ରାର୍ଥନା ସହ ସ୍ମୃତି ଚାରଣ କରାଯାଇଥିଲା । ପୁରାତନ ଛାତ୍ରମାନେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପରସ୍ପର ମଧ୍ୟରେ ସ୍କୁଲ ଜୀବନର ସ୍ମୃତିକୁ ଉର୍ଜିବିତ କରିବା ସହ ପରବର୍ତ୍ତୀ ଜୀବନ ଜୀବିକା ଉପରେ ନିଜ ନିଜର ଭାବର ଆଦାନ ପ୍ରଦାନ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ଆସନ୍ତା ବର୍ଷର ବନ୍ଧୁମିଳନ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରିବା ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଧିକ ଛାତ୍ରଛାତ୍ରୀଙ୍କୁ ଯୋଗଦାନ କରିବା ପାଇଁ ଉତ୍ସାହିତ କରିବାକୁ ଆଲୋଚନା ହେଇଥିଲା । ସ୍କୁଲ ଜୀବନ ୨୦ ବର୍ଷ ଦୀର୍ଘ ଅତିକ୍ରାନ୍ତ ହେଇଥିଲା ମଧ୍ୟ ସେମାନଙ୍କ ମଧ୍ୟରେ ସମ୍ପର୍କର ନିବିଡ଼ତା ପରିଲକ୍ଷିତ ହେଉଥିଲା । ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନରେ ପରସ୍ପରକୁ ବିଦାୟ ଜଣାଉଥିବା ବେଳେ ସମସ୍ତଙ୍କ ଆଖିରେ ଥିବା ଲୁହ ଯାହାକି ପରିବେଶକୁ ଅଧିକ ଗମ୍ଭୀର କରିଦେଇଥିଲା ।

ଅସଂପୂର୍ଣ୍ଣ କଲଭର୍ଟରେ ପଡି ୨ଗୁରୁତର

ଖଇରା,୧୫/୧ (ନିପ୍ର) : ବାଲେଶ୍ୱର ଓ କେନ୍ଦୁଝର ୨ଜିଲାକୁ ସଂଯୋଗ କରୁଥିବା ପଦୁନା-ଦୋମୁହାଁଣି ରାସ୍ତାର ବିଭିନ୍ନ କଲଭର୍ଟର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଅସଂପୂର୍ଣ୍ଣ ମୁକୁଳା କଲଭର୍ଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି । ଶନିବାରର ୨ଗୁରୁତରଙ୍କୁ ମିଶାଇ ୧ବର୍ଷ ମଧ୍ୟରେ ୧୦ଜଣ ଆହତ ହୋଇଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି । ଘଟଣାକ୍ରମେ ଶନିବାର ରାତିରେ ରାସ୍ତାର କାଠିଆପଣ୍ଡା ଛକ ନିକଟରେ ୨ ବାଇକ ଆରୋହୀ କଲଭର୍ଟ ଅତିକ୍ରମ କରୁଥିବା ବେଳେ ଖସି ପଡି ଗୁରୁତର ହୋଇ ପଡୀଥିଲେ । ଚିକିତ୍ସାପାଇଁ ତାଙ୍କୁ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି । ଗ୍ରାମବାସୀ ମାନେ ଠିକାଦାରଙ୍କୁ ଅଭିଯୋଗ କରିଥିଲେ ହେଁ ସେ ବିଭାଗକୁ ପିସି ଦେଉଥିବାରୁ କାହାରିକୁ ଭୟ କରନ୍ତିନି ବୋଲି କହୁଥିବା ନେଇ ଗ୍ରାମବାସୀ ମାନେ କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

ଫକୀରମୋହନ ଜୟନ୍ତୀ ପାଳନର ତୃତୀୟ ଦିବସ : କବିତା ଆସର ଓ ନାଟକ 'ତା'ରି ଲାଗି' ମଞ୍ଚସ୍ଥ

ବାଲେଶ୍ୱର: ୧୫/୧: କବିତା ମଣିଷର ହୃଦୟକୁ ପ୍ଲାବିତ କରେ । ତା'ର ଛନ୍ଦ ସୌକର୍ଯ୍ୟ ଓ ଭାବଗାମ୍ଭୀର୍ଯ୍ୟ ଗୋଟିଏ ଜାତିର ସଂସ୍କୃତିକୁ ଉଜ୍ଜୀବିତ କରେ । ସାରଳା ଦାସଙ୍କଠୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜ, ରାଧାନାଥ ଓ ଆଜିର କବିମାନେ କବିତାର ରସିକପଣକୁ ପାସୋରି ନ ପାରି ସେଥିରେ ଆତ୍ମମଗ୍ନ ହୋଇଯାଇଛନ୍ତି ବୋଲି ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ଆୟୋଜିତ ଫକରମୋହନ ଜୟନ୍ତୀର ତୃତୀୟ ଦିବସର କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ବକ୍ତାମାନେ ମତପୋଷଣ କରିଛନ୍ତି । ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ଆସରରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ଅଞ୍ଜଳି ପଣ୍ଡା, ମୁଖ୍ୟବକ୍ତା ଭାବେ କବି ଡ. କୁଞ୍ଜବିହାରୀ ଧଳ, ସମ୍ମାନିତ ଅତିଥି ଭାବରେ ରଂଜନ ବାଗ ଓ ଡା. କୁମାର ଗୋପାଲ ଯୋଗ ଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରାୟ ପଚାଶରୁ ଉର୍ଦ୍ଧ୍ୱଜଣ କବିଙ୍କର କବିତା କବି ସିତାଂଶୁ ଲେଙ୍କା ଓ ଜ୍ୟୋତ୍ସ୍ନା ରାୟଙ୍କ ସଂଯୋଜନାରେ ପାଠ କରାଯାଇଥିଲା । ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଥିବା ଚିତ୍ରକଳା, ଫକୀରମୋହନଙ୍କ କବିତାରୁ ଆବୃତ୍ତି ପ୍ରତିଯୋଗିତା, ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟରୁ ଜଣାଅଜଣା ପ୍ରତିଯୋଗିତା, ଅନିରୁଦ୍ଧ ପାଢ଼ୀଙ୍କ ପ୍ରଦତ୍ତ ତାଙ୍କର ପିତା ଓ ପତ୍ନୀଙ୍କ ସ୍ମୃତିରେ ଫକୀରମୋହନ ଓ ଗୋପବନ୍ଧୁଙ୍କ ସଂପର୍କିତ ପ୍ରବନ୍ଧ ପ୍ରତିଯୋଗିତା ତଥା ବିଜ୍ଞାନଭିତ୍ତିକ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜଣାଅଜଣାରେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ; ବାଲିଆପାଳର ଜୟଶ୍ରୀ ଦାସ ଓ ସୁଭଦ୍ରା ପ୍ରମାଣିକ, ଫକୀରମୋହନ ବିଶ୍ୱବିଦ୍ୟାଳୟର ସୁଚିସ୍ମିତା ନାୟକ ଓ ଅଲିଭା କର ତଥା ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଇକିଶନ ତ୍ରିପାଠୀ ଓ ରୁଦ୍ରନାରାୟଣ ସେଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରାପ୍ତ ହୋଇଥିଲେ । ଗୋପବନ୍ଧୁଙ୍କ କବିତାରେ ଦେଶାତ୍ମବୋଧକତା ବିଷୟକ ପ୍ରବନ୍ଧରେ ପ୍ରଜ୍ଞାଭାରତୀ ସାହୁ, ଆଇଶା ସେନ୍ ଓ ସଂଜୀବ ସାହୁ, ଫକୀରମୋହନଙ୍କ କଥାସାହିତ୍ୟ ଓ ତତ୍କାଳୀନ ସମାଜ ବିଷୟକ ପ୍ରବନ୍ଧରେ ଶ୍ରେୟା ଦାସ, ସୁଶ୍ରୀ ବିଷ୍ଣୁପ୍ରିୟା ପୁହାଣ, ମୋନାଲିସା ପ୍ରଧାନ, ବିଦ୍ୟାଳୟସ୍ତରରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ପ୍ରବନ୍ଧରେ ମୋନାଲି ବିଶ୍ୱାଳ, ଦେବାଶିକ କୁମାର ଦାସ ଓ ସତ୍ୟବ୍ରତ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ 'କ' ବିଭାଗରେ ମୋନାଲିସା ପ୍ରଧାନ, ପ୍ରତ୍ୟୁଷା ପଣ୍ଡା ଓ ରତ୍ନରାଜ ପାଣିଗ୍ରାହୀ, 'ଖ' ବିଭାଗରେ କିରଣ କୁମାର ଦାଶ, ଅଙ୍କିତ ପାତ୍ର ଓ ସମୀର ବେହେରା ତଥା 'ଗ' ବିଭାଗରେ ଅର୍ଥଦର୍ଶୀ ନାୟକ, କୁମାର ସ୍ୱସ୍ତିକ ଓ ବର୍ଣ୍ଣାଳୀ ଘଡ଼େଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କବିତା ଆବୃତ୍ତି ପ୍ରତିଯୋଗିତାରେ 'କ' ବିଭାଗରେ ପ୍ରୀତିରଂଜନ ପଣ୍ଡା, ଐଶାନୀ ପ୍ରଧାନ, କ୍ଷିତୀଶ ସାହୁ, 'ଖ' ବିଭାଗରେ ଶୁଭଶ୍ରୀ ନାୟକ, ଜସ୍ମିତା ମହାନ୍ତି, ରତୁଶ୍ରୀ ଜେନା ଓ 'ଗ' ବିଭାଗରେ ଅଶ୍ଳେଷ ଓଜସ୍ୱୀ ସାମନ୍ତ, ଆୟୁଷ ଦେ ଓ ଶିବାନୀ ରାଉଳ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୂର୍ଯ୍ୟସ୍ନାତାଙ୍କୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଶୋକକୂଳ ପରିବେଶରେ ଶହୀଦଙ୍କୁ ଶ୍ରଦ୍ଧାଂଜଳି

ବାରିପଦା, ୧୫/୦୧ (ନି.ପ୍ର): ଆଜି ମକର ସଂକ୍ରାନିରେ ସାରା ସହର ଉତ୍ସବ ମୁଖର ଥିବା ବେଳେ, ସକାଳେ, ସକାଳେ ବାରିପଦାରେ ଜଣେ ଶହୀଦ ଯବାନଙ୍କର ଶବ ପହଂଚିଥିବା ବେଳେ ଶୋକାକୂଳ ପରିବେଶ ଖେଳିଯାଇଥିଲା ସ୍ଥାନୀୟ ଅଂଚଳରେ । ବାରିପଦାର ୨୧ନଂ ୱାର୍ଡ ନିବାସୀ ବିଏସଏଫର ସବ୍ ଇନ୍ସପେକ୍ଟର ଶଶାଙ୍କ ଶେଖର ନାଥ ଗତ ୧୧ ତାରିଖ ସନ୍ଧ୍ୟାରେ ଶ୍ରୀନଗରର ରାଜୋରୀ ରେଂଜର ପୁଂଜ ଠାରେ ପ୍ଲାଟୁନ କମାଣ୍ଡର ଦାୟିତ୍ୱରେ ଥିଲେ । ଡ୍ୟୁଟିରେ ଥିବା ସମୟରେ ହଠାତ ଶ୍ରୀ ନାଥଙ୍କ ମୃତ୍ୟୁ ହୋଇଥିଲା । ସନ୍ଧ୍ୟା ୭ଟାରେ ବାରିପଦାରେ ଥିବା ନିଜ ପରିବାର ସହିତ କଥା ହେବାର କିଛି ସମୟ ପରେ ପରେ ତାଙ୍କର ହୃଦଘାତ ପରଲୋକ ହୋଇଥିବାର ଜଣାଯାଇଛି । ତେବେ ଆଜି ସକାଳୁ ସକାଳୁ ତାଙ୍କର ମୃତ ଶରୀର ବାରିପଦା ୨୧ ନମ୍ବର ୱାର୍ଡସ୍ଥିତ ନିଜ ବାସ ଭବନ ନିକଟରେ ପହଂଚିବା ପରେ ଶେଷ ଦର୍ଶନ ପାଇଁ ଲୋକଙ୍କ ଗହଳି ଜମିଥିଲା । ଶହୀଦଙ୍କ ଲାଗି ତାଙ୍କ ପରିବାର ଶୋକ ସହିତ ଗର୍ବ ମଧ୍ୟ ଅନୁଭବ କରିଛନ୍ତି । ତାଙ୍କୁ ମର୍ଯ୍ୟାଦା ଜନକ ଗାର୍ଡ ଅଫ ଅନର୍ ପ୍ରଦାନ କରାଯିବା ସହିତ ସ୍ଥାନୀୟ ଦାରୋଗାଡାହି ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ଶହୀଦ ଶଶାଙ୍କ ନାଥ ନିଜର ୩୮ ବର୍ଷର ସେବା ମଧ୍ୟରେ ବହୁ ସାମରିକ ଅପରେସନରେ ଭାଗ ନେଇଥିବା ସହ ବିଏସଏଫର ଭିଜିଲାନ୍ସ ବିଭାଗରେ ମଧ୍ୟ ସେ ନିଜର ସେବା ପ୍ରଦାନ କରିଛନ୍ତି । ପୁରା ପରିବାର ସହିତ ତାଙ୍କ ଦୁଇ ପୁଅ ଶେଷକୃତ୍ୟରେ ଉପସ୍ଥିତ ଥିଲେ ।

ବିଜେପି ମହିଳା ମୋର୍ଚ୍ଚା ତରଫରୁ ଜୀ ୨୦ ଗ୍ଲୋବାଲ ସମିତିକୁ ସ୍ୱାଗତ ସମାରୋହ

ବସ୍ତା,୧୫/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ବସ୍ତା ମହିଳା ମୋର୍ଚ୍ଚା ପକ୍ଷରୁ ବସ୍ତା ଇଶ୍ୱରବର୍ତ୍ତୀ ପରିସରରେ ଭାରତର ପ୍ରଧାନ ମନ୍ତ୍ରୀ ଯଶସ୍ୱୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ସହ ଜୀ ୨୦ ଗ୍ଲୋବାଲ ସମିତି କୁ ସ୍ୱାଗତ ସମାରୋହ କାର୍ଯ୍ୟକର୍ମ ହୋଇଥିଲା । ଏଥିରେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ସୁଷମା ବିଶ୍ୱାଳ, ଜିଲ୍ଲା ଉପସଭାପତି ମମତା ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦିକା ମାଳତୀ ନାୟକ, ଲିଗାଲ ସେଲ କାଡିନେଟର ପ୍ରଶାନ୍ତି ପଣ୍ଡା, ବସ୍ତା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଅହଲ୍ୟା ମାଝୀ, ସାଧାରଣ ସମ୍ପାଦିକା ମନୋରମା ଦାସ ଅନିତା ମହାନ୍ତି, ସରସ୍ୱତୀ ମହାନ୍ତି, ନାରୀ ନେତ୍ରୀ ସସ୍ମିତା ଦାସ, ସୁଲୋଚନା ସାହୁ, ନମିତା ରାମ, ଜଳି ଦଳେଇ, ବନ୍ୟା ସିଂ, ପାଞ୍ଚାଳୀ ଚୌଧୁରୀ, ସୁକାନ୍ତି ଦାସ, ଝୁଲଣା ଦାସ, ସବିତା ବାରିକ, ମିଲି ଦାସ ଏବଂ ବହୁ ସଂଖ୍ୟକ ମହିଳା ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିଲେ ତା ସହିତ ଜୀ ୨୦ ର ଏକ ଲୋଗୋ ଚିତ୍ରକୁ କୁ ମହିଳା ମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିଲା ।

ମା' ରାବାଣୀ ମକର ମେଳା କମିଟି ପକ୍ଷରୁ ମେଗା ରକ୍ତଦାନ ଶିବିର

ନୀଳଗିରି, ୧୫/୦୧ (ନି.ପ୍ର): ୧ ନୀଳଗିରି ଏନ.ଏ.ସି.ରର ବାଣପୁର ଠାରେ ଚାଲିଥିବା ମା'ରାବଣୀ ମକରମେଳା ମହୋତ୍ସବ ଉପଲକ୍ଷେ ମା' ରାବାଣୀ ମକର ମେଳା କମିଟି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିରକୁ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉକ୍ତ ଶିବିରକୁ ଫିତାକାଟି ଶୁଭ ଉଦ୍‌ଘାଟନ କରିବା ସହ କମିଟିର ଯୁବ ପ୍ରତିଭାଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀ ଗୋପାଳ କର୍ଣ୍ଣ ଯୋଗ ଦେଇ ଯୁବପାଢ଼ୀ ହିଁ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ନିଜ ଅଭିଭାଷଣ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ତଥା ଶିଶିର ମହାପାତ୍ର ଫାଉଣ୍ଡେସନ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ଯୋଗ ଦେଇ ଆଜିର ସମୟରେ ବିଭିନ୍ନ ରୋଗୀଙ୍କ କ୍ଷେତ୍ରରେ ରକ୍ତର ଆବଶ୍ୟକତା ପଡୁଥିବା ବେଳେ ଯୁବ କମିଟିର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସ କରିଥିଲେ । ବରେଣ୍ୟ ଅତିଥି ଭାବେ କାଉନସିଲର ସୁଲୋଚନା ଖଟୁଆ, ବିଦ୍ୟାଧର ଖଟୁଆ ଉପସ୍ଥିତ ରହି ରକ୍ତଦାନ ଶିବିରର ଆୟୋଜକମାନଙ୍କୁ ପ୍ରଶଂସ କରିଥିଲେ । କମିଟିର ସଭାପତି ଶଶିକାନ୍ତ ବେହେରା, ସଂପାଦକ ମାନସ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ମେଡିକାଲ କର୍ମଚାରୀ ଯଥା ଡା. ସଂଜୟ ମହାନ୍ତି , ସରୋଜ ପଣ୍ଡା, ଗତିକୃଷ୍ଣ ମହାନ୍ତି, ଦେବାଂଶୁ ବେହେରା, ମାୟାଧର ପଣ୍ଡା, ସଂଗ୍ରାମ କେଶରୀ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କମିଟିର ସଦସ୍ୟ ନନ୍ଦ କିଶୋର ବେହେରା, ଦୟାନିଧି ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସତ୍ୟବ୍ରତ ବେହେରା, ଦିଗାମ୍ବର ବେହେରା, ଭଗବାନ ବେହେରା, ଅକ୍ଷୟ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଇଞ୍ଚୁଡ଼ି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟର ସଂସ୍କାର କାର୍ଯ୍ୟକୁ ଉଦ୍‌ଘାଟନ କଲେ ନବଜ୍ୟୋତି

ବାଲେଶ୍ୱର,୧୫/୦୧ (ନି.ପ୍ର): ଅୟିତିହାସିକ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ମୁକ ସାକ୍ଷୀ ଭାବେ ସ୍ମାରକୀ ପୀଠ ଓ ସଂଗ୍ରହଳୟ ଇଞ୍ଚୁଡ଼ି ଗାଁ ମୁଣ୍ଡରେ ଦଣ୍ଡାୟମାନ ରହିଛି. ଅତୀତ ରେ ମୋଟ ୪୮ଜଣ ମନ୍ତ୍ରୀ ଏହି ପୀଠ କୁ ଆସି ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଲମ୍ବା ଲମ୍ବା ପ୍ରତିଶୃତି ଦେଇ ଫୋଟୋ ଉଠାଇ ଚାଲି ଯାଆନ୍ତି. ଖବର କାଗଜ ଓ ଟେଲିଭିଜନ ର ବୁଲେଟିନ ରେ ମନ୍ତ୍ରୀଙ୍କ ଭାଷଣ, ପ୍ରତିଶୃତି ଓ ଦର୍ଶକ ଙ୍କର ତାଳି ପ୍ରଦର୍ଶିତ ହୁଏ.. ମାତ୍ର ମନ୍ତ୍ରୀ ମାନେ ନିଜର ପ୍ରତିଶ୍ରୁତି ଭୁଲି ଯାନ୍ତି. ଫଳରେ ସଂଗ୍ରହ୍ଳାୟରେ ଥିବା ବୀର ପୁତ୍ର ମାନଙ୍କ ଫୋଟୋ ଚିତ୍ର ରେ ଧୂଳି ଲାଗି ଚେହେରା ମହଳଣ ପଡ଼ିଯାଏ.. ହେଲେ ସ୍ମୃତି ସ୍ତମ୍ଭ ଓ ସଂଗ୍ରାହଳ ୟ ର ମୁଖ୍ୟ ସର୍ବେଶ୍ୱର ଦାସ ଆଶା ଛାଡ଼ିନଥିଲେ.. ଗତ ପ୍ରାୟ ଚାରି ମାସ ତଳେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଇଞ୍ଚୁଡ଼ି ଗସ୍ତରେ ଆସିଥିବା ବେଳେ ସର୍ବେଶ୍ୱର ଦାସ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପୁରାତନ ଫୋଟୋ ଗୁଡିକ ର ରକ୍ଷଣା ବେକ୍ଷଣ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ. ସେଠାରେ ଉପସ୍ଥିତ ଥିବା ଦଳର ନେତା ନବଜ୍ୟୋତି ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରେ ରଙ୍ଗ ପ୍ରଦାନ ଓ ୬୦୦ ରୁ ଅଧିକ ଫୋଟୋ ଚିତ୍ର ଫ୍ରେମ ବନ୍ଧେଇ ପାଇଁ ପ୍ରତିଶ୍ରୁତି ଦେଇଥିଲେ.. ଏଥି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଶ୍ରୀ ପଟ୍ଟନାୟକ ନିଜର ପ୍ରତିଶ୍ରୁତି ରକ୍ଷା କରିଛନ୍ତି. ଆଜି ଏହି ଅବସର ରେ ଏକ ସ୍ୱତନ୍ତ୍ର କାର୍ଯ୍ୟ କ୍ରମ ର ଆୟୋଜନ ହୋଇଥିବା ବେଳେ ନବ ଜ୍ୟୋତି ପଟ୍ଟନାୟକ ଉଦ୍ଘାଟିତ କରିଥିଲେ । ଅନ୍ୟମାନକ ମଧ୍ୟ ରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ସର୍ବେଶ୍ୱର ଦାସ ସ୍ମୃତିସ୍ତମ୍ଭ ମୁଖ୍ୟ, ତରୁଣ ଦାସ ରେମୁଣା ବ୍ଲକ ସଭାପତି, ବିକାଶ ଦାସ ଜିଲ୍ଲା ଅଧକ୍ଷ କେ.କେ.ସି, ନିରଞ୍ଜନ ବେହେରା ଜିଲ୍ଲା ସଭାପତି କୃଷକ କଂଗ୍ରେସ, ଶ୍ରୀଧର ବେହେରା ଇଂଚୁଡ଼ି ପଞ୍ଚାୟତ ସଭାପତି, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ତୁଷାରକାନ୍ତି ତପସ୍ୱୀ, ଘନଶ୍ୟାମ ବେହେରା, ଶ୍ରୀଧର ବେହେରା, ବାବୁଲା ଦାସ, ପ୍ରଭାକର ମଲ୍ଲିକ, ପୂର୍ବତନ ସରପଞ୍ଚ କହ୍ନେଇ ପ୍ରଧାନ, ସୁଧାକର ରାଉତ, ପ୍ରକାଶ ମଲ୍ଲିକ, ପଦ୍ମଲୋଚନ ବେହେରା, ଲକ୍ଷ୍ମୀଧର ଜେନା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ନେପାଳରେ ବଡ ବିମାନ....

ସମ୍ଭବ ହୋଇପାରିନଥିଲା । ଦୁର୍ଘଟଣାଗ୍ରସ୍ତ ବିମାନରେ ୧୫ ବିଦେଶୀ ନାଗରିକଙ୍କ ମଧ୍ୟରେ ରହିଥିଲେ ୫ଜଣ ଭାରତୀୟ ଥିଲେ । ତେବେ କେଉଁ ଭାରତୀୟ ବିମାନରେ ଥିଲେ ସେ ନେଇ ଭାରତକୁ ଅବଗତ କରିଛି ନେପାଳ । ସୂଚନା ଅନୁସାରେ ଅଭିଷେକ୍ କୁଶୱାହା, ବିଶାଳ ଶର୍ମା, ଅନିଲ କୁମାର ରାଜଭର, ସୋନୁ ଜୈସ୍ୱାଲ ଓ ସଞ୍ଜୟ ଜୈସ୍ୱାଲ ବିମାନରେ ଯାତ୍ରା କରିଥିଲେ । ନେପାଳ ସରକାରଙ୍କ ସହ ଯୋଗାଯୋଗରେ ରହିଛି ଭାରତ । ଗତ ମେ ମାସରେ, ଏମିତି ଏକ ବିମାନ ଦୁର୍ଘଟଣାରେ ୪ଜଣ ଭାରତୀୟଙ୍କ ସମେତ ୨୨ଜଣ ବିମାନଯାତ୍ରୀଙ୍କର ନେପାଳରେ ମୃତ୍ୟୁ ହୋଇଥିଲା । ପାହାଡରେ ଧକା ଯୋଗୁଁ ସେହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି କୁହାଯାଇଥିଲା । ଏବେ ପୁଣି ସେମିତି ପାହାଡରେ ଧକା ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି ।

ଆସ୍ଥା ଭୋଟର ସମ୍ମୁଖୀନ ହେବେ....

ଏବେ ସେ ମଧ୍ୟ ଆସ୍ଥା ଭୋଟର ସମ୍ମୁଖୀନ ହେବାକୁ ଯାଉଥିବା ଇମ୍ରାନ କହିଛନ୍ତି । ଲାହୋରରେ ଇମ୍ରାନ ଖାନ କହିଛନ୍ତି, "ଶେହବାଜ ଶରିଫ ପଞ୍ଜାବରେ ଆମର ପରୀକ୍ଷା ନେଇଥିଲେ । ଏବେ ସେ ନିଜେ ଜାତୀୟ ସଂସଦରେ ଆସ୍ଥା ଭୋଟର ପରୀକ୍ଷା ଦିଅନ୍ତୁ । ପ୍ରଥମେ ସେ ସଂଖ୍ୟା ଗରିଷ୍ଠତା ତାଙ୍କ ପାଖରେ ଅଛି ବୋଲି ପ୍ରମାଣ କରି ଦେଖାନ୍ତୁ । ଏହାପରେ ତାଙ୍କ ପାଇଁ ଆମ ପାଖରେ ଅନ୍ୟ ଯୋଜନା ରହିଛି । ବର୍ତ୍ତମାନ ଶରିଫଙ୍କ ସହ ଥିବା ଏମକ୍ୟୁଏମ-ପି କରାଚି ଓ ହାଇଦ୍ରାବାଦର ଆଞ୍ଚଳିକ ନିର୍ବାଚନକୁ ନେଇ ବିଦ୍ରୋହ ଘୋଷଣା କରିଛି । ତେଣୁ ଶରିଫ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦିଅନ୍ତୁ ।" ରାଷ୍ଟ୍ରପତି ଭାବେ ଅଲଭିଙ୍କୁ

ସୋମବାର, ଜାନୁଆରୀ ୧୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,୧୫/୦୧ (ନି.ପ୍ର): ଆମ ମାତୃଭାଷା ପରିଷଦର ମକର ସଂକ୍ରାନ୍ତି ଆସର ଭଦ୍ରକ କଲବାଣୀ ନଗରସ୍ଥିତ ଗୁରୁକୃପା ଭବନରେ ଇଂ ଅଭୟ ସୁତାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ତଥା ମୁଖ୍ୟବକ୍ତା ଦୂରଦର୍ଶନର ସ୍ୱଇତି ପ୍ରାପ୍ତ ପଣ୍ଡିତ ବିରେନ୍ଦ୍ର ପଣ୍ଡା "ଆସରରେ ଆଧାତ୍ମିକ ସାହିତ୍ୟରେ ମାନବିକତା" ଶୀର୍ଷକ ଆଲୋଚନା ଚକ୍ରରେ ଉଦ୍‌ଘାଟକ ତଥା ମୁଖ୍ୟବକ୍ତା ଦୂରଦର୍ଶନ ସ୍ୱୀକୃତିପ୍ରାପ୍ତ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ତ୍ୟାଗଭୂମି ମହୋତ୍ସବର ପ୍ରତିଷ୍ଠାତା ଅଜୟ ନାୟକ, ଅଧ୍ୟାପକ ନୀହାରରଞ୍ଜନ କର, ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋଲକବିହାରୀ ସାହୁ, ନାଟ୍ୟଶ୍ରୀ ନିର୍ମଳ ରାଉତ୍, ଶୀକ୍ଷାବିତ୍ ଗୟାଧର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ହୃଷିକେଶ ପଣ୍ଡା, ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, କବି ବିଜୟ କୁମାର ବହଳୀ ପ୍ରମୁଖ ଅଂଶ ଗ୍ରହଣ କରି ଆଧାତ୍ମିକତା ବିନା ମାନବବୋଧ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । କବୀ ଦୀପ୍ତିମୟୀ ସାହୁ ଓ ସରୋଜିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅଧ୍ୟାପକ ଅବନୀ ପ୍ରଧାନ, ବିପ୍ଳବ କୁମାର ହୋତା, କୈଳାସ ଦାସ, ନିରଞ୍ଜନ ନାୟକ, ସୁବ୍ରତ ମଲ୍ଲିକ, ରତୁରାଜ ଅକ୍ଷୟ, ଅଂଶୁମାନ ସ୍ୱାଇଁ, ବସନ୍ତକୁମାର ପାତ୍ର, ଧୀରାମଣୀ ଲେଙ୍କା, ସଂଯୁକ୍ତା ବଳ, ଅମର କୁମାର ପାଣିଗ୍ରାହୀ, ପୀତାମ୍ବର ଦାଶ, ମଧୁସୂଦନ ମହାପାତ୍ର, ମୁସ୍ତାକ୍ ଗହ୍ୱର୍, ମୁକ୍ତିକାନ୍ତ ମଲ୍ଲିକ, ସତ୍ୟ ସେଠୀ, କାଳନ୍ଦୀ ମଲ୍ଲିକ, ନରେଶ ଚନ୍ଦ୍ର ଲେଙ୍କା, ଶଶ୍ମିତା ସାହୁ, ମୋନାଲିସା ସାହୁ, କୈଳାସ ଚନ୍ଦ୍ର ଜେନା, ସରୋଜ କୁମାର ଓଝା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ କରିଥିଲେ । କବୀ ତଥା ଶିକ୍ଷୟତ୍ରୀ ଜାନକୀ ପାଢୀ ଓ ମନୋରମା ରାୟ ବନ୍ଦେଉତ୍କଳ ଗନ ତଥା ଅଧ୍ୟାପକ ମାଧବଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ ଓ ପ୍ରତିଷ୍ଠାତା ସହସମ୍ପାଦିକା କବୀ ମମତାରାଣୀ ଦାଶ ମଂଚ ପରିଚାଳନା କରିଥିଲେ ।

ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ବୃଦ୍ଧବୃଦ୍ଧାଙ୍କୁ କମଳ ବଂଟନ

ନୀଳଗିରି,୧୫/୦୧ (ନି.ପ୍ର): ନୀଳଗିରି ବ୍ଲକର ସିଆଡ଼ିମାଳ ପଂଚାୟତର ସୀତାପତିପୁର ଗ୍ରାମରେ ବୃଦ୍ଧାବୃଦ୍ଧମାନଙ୍କୁ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) କମଳ ବଂଟନ କରିଛନ୍ତି । ସୀତାପତିପୁର ଗାଁର ମା' ବୁଗାଳି ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସବ୍ୟସାଚୀ ମହାପାତ୍ର ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୁନି ପିଲାମାନଙ୍କୁ ପୁରସ୍କୃତ କରିଥିବା ବେଳେ ୬୦ଜଣ ବୃଦ୍ଧ ବୃଦ୍ଧାଙ୍କୁ କମଳ ବଂଟନ କରି ନିଜର ମହନୀୟତା ଦେଖାଇବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମକରସଂକ୍ରାନ୍ତି

ବାଲେଶ୍ୱର,୧୫/୦୧ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ବୈଠକ ଓ ପବିତ୍ର ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି । ସଂଘର ସଭାପତି ଇଂ. ବନମାଳି ନାୟକଙ୍କ ସଭାପତିତ୍ୱରେ ବୈଠକ ଆରମ୍ଭ ହୋଇ ପ୍ରଥମେ ସଂଘର କାର୍ଯ୍ୟନିର୍ବାହୀ ବୈଠକର ବିବରଣୀ ପାଠ, ଆର୍ଥିକ ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା । ଦିବଂଗତ ଭୋଗରାଇ ସଂଘର ସଭାପତି ଡାକ୍ତର ବିଜୟ କୁମାର ମିଶ୍ର, ନୀଳଗିରି, ବ୍ରହ୍ମପୁର ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ଶ୍ରୀପତି ଚରଣ ଦାସଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ପରେ ବନ୍ଧୁମିଳନ ଓ ମକର ପାଳନରେ ଶତାଧିକ ବିଜ୍ଞ, ପ୍ରାଜ୍ଞ ଓ ବରିଷ୍ଠ ଅବସରପ୍ରାପ୍ତ ସଭ୍ୟ ଉପସ୍ଥିତ ହୋଇ ଦୃଷ୍ଟାନ୍ତମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚରେ ସଭାପତିଙ୍କ ବ୍ୟତୀତ ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାରାୟଣ ଦାସ, ଉପସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ, ଶ୍ରୀମତୀ ପୁଷ୍ପଲତା ମହାନ୍ତି ଉପସ୍ଥିତ ଥିବାବେଳେ ସାଧାରଣ ସମ୍ପାକ ବସନ୍ତ ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ଅର୍ଥ ସମ୍ପାଦକ ଦାମୋଦର ନାୟକ ଓ ସଂଗଠନ ସମ୍ପାଦ ସୁଜିତ୍ କୁମାର ଜେନା ବୈଠକ ପରିଚାଳନା ଓ ବନ୍ଧୁମିଳନ ପର୍ବରେ ସହଯୋଗ କରିଥିଲେ ।

୨୩ରୁ 'ସ୍ନୋ ଫେଷ୍ଟ' ଯୁବ ମହୋତ୍ସବ

ବାଲେଶ୍ୱର,୧୫/୦୧ (ନି.ପ୍ର): ଆସନ୍ତା ୨୩ ତାରିଖରୁ ବାଲେଶ୍ୱରରେ ଆରମ୍ଭ ହେଉଥିବା ୫ମ ଯୁବ ମହୋତ୍ସବ ସ୍ନୋ ଫେଷ୍ଟ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ତିନିଦିନ ବ୍ୟାପୀ ଏହି ମହୋତ୍ସବ ଚାଲିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି । ଏଥିରେ ସବ-ଜୁନିୟର, ଜୁନିୟର ଓ ସିନିୟର ଆଦି ୩ ବର୍ଗର ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୌଣସି ଏଣ୍ଟ୍ରି ଫି' ଲାଗିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି । ପ୍ରଥମଥର ପାଇଁ ଚଳିତ ବର୍ଷ ଉତ୍ସବରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ନେଇ କପଲ ର୍ୟାମ୍ପ ଓ ଶିଶୁ-ମାଆ ର୍ୟାମ୍ପ ଆନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏଥି ସହିତ ଅନୁଷ୍ଠାନ ପକ୍ଷରୁ ଲଟେରୀ ଉଠାଣ ହେବ । ବିନା ଖର୍ଚ୍ଚରେ କେବଳ ନାମ ପୂରଣ କରି ଲୋକେ ଫର୍ମକୁ ଗୋଟିଏ ବାକ୍ସରେ ପକାଇବେ । ଏଥିରେ ମୋଟ ୩ ଗୋଟି ପୁରସ୍କାର ପ୍ରଦାନ କରାଯିବ । ସେହିଭଳି ଚଳିତବର୍ଷ ଉତ୍ସବର ସଂଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଉଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ ସହ ଲୋକଙ୍କ ମନୋରଂଜନ କରିବେ ବୋଲି ଅନୁଷ୍ଠାନର ପକ୍ଷରୁ ସୂଚନା ଦିଆଯାଇଛି । ଅଧିକ ସଂଖ୍ୟାରେ ଅଂଶଗ୍ରହଣ ପୂର୍ବକ ସ୍ନୋ ଫେଷ୍ଟ ମହୋତ୍ସବକୁ ସଫଳ କରିବା ପାଇଁ ଅନୁଷ୍ଠାନର ସଭାପତି ଶୁଭମ ସାଇ ମହାପାତ୍ର, ଉପ-ସଭାପତି ଅଭିଜିତ ବିଶ୍ୱାଳ, ବିଶ୍ୱଜିତ ନାୟକ ଓ ଅନୀଲ କୁମାର ପଣ୍ଡା, ସାଧାରଣ ସମ୍ପାଦକ ବ୍ୟାସଦେବ ରଣା, ସହ ସାଧାରଣ ସମ୍ପାଦକ ରୁମା ଯୋଶେଫ, ଯୁଗ୍ମ ସମ୍ପାଦକ ସମରଜିତ ପାତ୍ର ଓ ଦେବାଶିଷ ନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଦୁଭୂଷଣ ପାଣିଗ୍ରାହୀ, ବିଶ୍ୱଜିତ ଚାନ୍ଦ, ଅନୁରାମ ବେରା, ବିଷ୍ଣୁ କୁମାର ଦାସ, ଅରୁଣ କୁମାର, ଚନ୍ଦନ ପଢ଼ିଆରୀ, ଅଭିଷେକ ବାରିକ, କୁଶାଲ ଶର୍ମା, ନେହା ଅଗ୍ରୱାଲ, ନିର୍ମଳ ନାୟକ, ସୁଶାନ୍ତ କୁମାର ବେଜ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ରାଜା ବୈକୁଣ୍ଠନାଥ ଦେବଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ବାଲେଶ୍ୱର,୧୫/୦୧ (ନି.ପ୍ର): ଉତ୍କଳ ସମ୍ମିଳନୀ ପକ୍ଷରୁ ବାଲେଶ୍ୱରର ଭୂତପୂର୍ବ ପ୍ରଜାବତ୍ସଳ ରାଜା ବୈକୁଣ୍ଠ ନାଥ ଦେବଙ୍କ ପ୍ରତିମୂର୍ତ୍ତି ଟାଉନହଲ ପରିସରରେ ଅନାବରଣ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ତଥା ବିଶିଷ୍ଟ ସାହିତ୍ୟିକ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜାଙ୍କ ପ୍ରତିମୂର୍ତ୍ତି ଆନୁଷ୍ଠାନିକ ଭାବେ ଅନାବରଣ କରିଥିଲେ । ସାଧାରଣ ମଣିଷର ପେଟ ଓ ମନର ଭାଷା ପଢ଼ି ପାରୁଥିବା ଜଣେ ପ୍ରଜାବତ୍ସଳ ଦରଦୀ ରାଜାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମସ୍ତଙ୍କ ଭାଗ୍ୟରେ ନଥାଏ ବୋଲି ସେ କହିଥିଲେ । ଓଡ଼ିଆ ଭାଷା ଓ ଏ ଜାତିର ସୁରକ୍ଷା ପାଇଁ ଭଣ୍ଡାର ଖୋଲି ଦେଇଥିବା ରାଜା ବୈକୁଣ୍ଠନାଥ ଦେବ ବାଲେଶ୍ୱରବାସୀଙ୍କର ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ କୁମାର ଷଡ଼ଙ୍ଗୀ ଯୋଗଦେଇ ରାଜା ବୈକୁଣ୍ଠ ନାଥ ଦେବଙ୍କ ଓଡ଼ିଆ ଜାତି ଓ ଭାଷା ପ୍ରୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବଙ୍ଗୀୟ ପରିବାରର ହୋଇଥିଲେ ବି ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସୁରକ୍ଷା ଆନ୍ଦୋଳନରେ ସାମିଲ ହୋଇ ସମସ୍ତଙ୍କ ପାଇଁ ଚିର ନମସ୍ୟ ହୋଇଯାଇନ୍ତି ବୋଲି ସେ କହିଥିଲେ । ଜଣେ ଦରଦୀ ରାଜା ଭାବ ସମାଜସେବା ମୂଳକ କାର୍ଯ୍ୟ କରି ସେ ଏହି ମାଟିକୁ ଗୌରାବାନ୍ୱିତ କରିଛନ୍ତି ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦୈତ୍ୟ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଓ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଜା ବୈକୁଣ୍ଠ ନାଥ ଦେବଙ୍କ ଜୀବନୀ ଉପରେ ଆଧାରିତ ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପ୍ରପ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ମିଳନୀର ଜିଲା ସମ୍ପାଦକ କବି କାଳୀପଦ ପଣ୍ଡା ଏଥରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବୈକୁଣ୍ଠନାଥ ସ୍ମୃତି ସଂସଦର ସଭାପତି ସୁଜିତ କୁମାର ଦେବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ମିଳନୀର ଜିଲା ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ ।

ନୂତନ ଭଂଜପୁର ଥାନାର ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା,୧୫/୦୧ (ନି.ପ୍ର): ସ୍ଥାନୀୟ ପୋଲିସ ପେରେଡ ପଡିଆରେ ନୂତନ ଭାବେ ପ୍ରତିଷ୍ଠିତ ଥାନାର ପ୍ରଥମ ଭାରପ୍ରାପ୍ତ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତିଙ୍କୁ ଆଜି ମକର ସଂକ୍ରାନ୍ତିରେ ବାରିପଦାର ପଶୁ, ପକ୍ଷୀ ଓ ପ୍ରକୃତି ପ୍ରେମୀ ପରିବାରର ସଦସ୍ୟ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ଓ ଐତିହାସିକ ସ୍ଥଳ ଭଂଜପୁରରେ ସରକାରଙ୍କ ତରଫରୁ ଏଭଳି ଏକ ଥାନା ପ୍ରତିଷ୍ଠା କରାଯାଇଥିବାରୁ ଅଂଚଳବାସୀ ବେଶ ଉତ୍ସାହିତ ଅଛନ୍ତି ଓ ଏହି ଅବସରରେ ବାରିପଦା ପଶୁ ପକ୍ଷୀ ପରିବାରର ସଦସ୍ୟ ଡ଼. ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ସୁଶାନ୍ତ ପଟ୍ଟନାୟକ ଓ ଆଲୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ

ନୀଳଗିରି,୧୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଂଘ ପାଠାଗାର ପରିସରରେ ୪୦ତମ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଅଛି । ରାଜ୍ୟ ସଂଘର ସଭାପତି ସରୋଜ କୁମାର ମହାନ୍ତି, ରାଜ୍ୟ ସଂଘର ସାଧାରଣ ସଂପାଦକ ସୁବଳ କିଶୋର ମହାନ୍ତି, ସଦସ୍ୟ ସୁରେଶ ଚନ୍ଦ୍ର ପରିଜା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ । ବାଲେଶ୍ୱର ଜିଲ୍ଲା ଶାଖାର ୧୨ଟି ଶାଖା ସଂଘର ସମସ୍ତ କର୍ମକର୍ତା ଉପସ୍ଥିତ ଥିବା ବେଳେ ବିଭିନ୍ନ ଜିଲ୍ଲାର କର୍ମକର୍ତା ମଧ୍ୟ ଉପସ୍ଥିତ ଥିଲେ । ସମସ୍ତ କର୍ମକର୍ତାଙ୍କ ସହମତିରେ କର୍ମକର୍ତା ଚୟନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀରେର କାର୍ତିକ ଚନ୍ଦ୍ର ନାୟକ, ମଧୁସୂଦନ ବେହେରା ଓ କମଳାକାନ୍ତ ବେହେରା ମନୋନୀତ ହୋଇଥିବା ବେଳେ ପରାମର୍ଶଦାତା ଭାବେ ଉଦୟ ନାରାୟଣ ଶତପଥି, ଜିଲ୍ଲା ସଭାପତି ଭାବେ ଦିଲ୍ଲୀପ କୁମାର ଦାସ, ଉପସଭାପତି ରବିନ୍ଦ୍ର କୁମାର ପରିଡ଼ା, ସବ୍ୟସାଚୀ ଆଚାର୍ଯ୍ୟ, ସଂପାଦକ ଭାବେ ଗିରିଜା ଶଙ୍କର କର, ସହ ସଂପାଦକ ଭାବେ ଗୌରାଙ୍ଗ ଚରଣ ପରିଡ଼ା, ସଂଗଠନ ସଂପାଦକ ଭାବେ କିଶୋର କୁମାର ଜେନା, ଅତୁଲ କୁମାର ଦାସ ଏବଂ ଶ୍ରୀକାନ୍ତ ପ୍ରଧାନଙ୍କୁ ଚୟନ କରାଯାଉଅଛି ।

ଧନୁତୀର ମାରି ଲାଖବିନ୍ଧା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କଲେ ଟୁବୁଲୁ

ନୀଳଗିରି,୧୫/୦୧ (ନି.ପ୍ର): ଚଳିତ ବର୍ଷ ମକର ସଂକ୍ରାନ୍ତି ଉପଲକ୍ଷେ ଆଦିବାସୀମାନଙ୍କର ମୁଖ୍ୟ ପର୍ବ 'ଲାଖବିନ୍ଧା' କାର୍ଯ୍ୟକ୍ରମ ଆୟୋଜନ ଚାଲିଥିବା ବେଳେ ଔପଦା ବ୍ଲକର ଶ୍ୟାମସୁନ୍ଦର ପଂଚାୟତର ଆଦିବାସୀ ବହୁଳ ଗାଁ ଦଲଦଲି ଠାରେ ଆଦିବାସୀମାନଙ୍କ ଦ୍ୱାରା ଆୟୋଜିତ ଲାଖବିନ୍ଧା କାର୍ଯ୍ୟକ୍ରମରେ ସମାଜସେବୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ଯୋଗଦେଇ ଧନୁତୀର ମାରି ଲାଖବିନ୍ଧା କାର୍ଯ୍ୟକ୍ରମକୁ ଶୁଭଉଦ୍‌ଘାଟନ କରିଥିଲେ । ମକର ପର୍ବ ହିଁ ଆଦିବାସୀ ସଂପ୍ରଦାୟର ବଡ଼ପର୍ବ । ଏହି ପର୍ବରେ ପ୍ରତିଘରେ ବନ୍ଧୁବାନ୍ଧବ ମାନେ ଏକତ୍ରିତ ହୋଇ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ମହାଆଡ଼ମ୍ବରପୂର୍ଣ୍ଣ ସହକାରେ ପୂଜା ଅର୍ଚ୍ଚନା କରିଥାନ୍ତି । ରୀତିନୀତି ଅନୁସାରେ ପୂଜାସ୍ଥଳକୁ ଗୋବର ପାଣିରେ ଲିପାପୋଛା କରାଯାଇ ସମସ୍ତଙ୍କ ଘରେ ଥିବା ଧନୁତୀରକୁ ପୂଜାସ୍ଥଳରେ ଏକଜୁଟ କରାଯାଇ ପୂଜା ଅର୍ଚ୍ଚନା କରିଥାନ୍ତି । ପରେ ପରସ୍ପର ନିଜ ନିଜର ଧନୁତୀରକୁ ଆଣି ଲାଖବିନ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ଏହା ଆଦିବାସୀମାନଙ୍କର ଭାଇଚାରାର ସଂପର୍କ ବୋଲି ସବ୍ୟସାଚୀ ମହାପାତ୍ର ନିଜ ବକ୍ତବ୍ୟରେ ସୂଚନା ଦେଇଛନ୍ତି ।

ଅମ୍ବିକା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଖଇରା,୧୫/୧(ନିପ୍ର) ଖଇରା ବ୍ଲକ କୁପାରୀସ୍ଥିତ ମା ଅମ୍ବିକା ଆଶ୍ରମ ପରିସରରେ ରବିବାର ଦିନ ମା ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ ର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନୀ ସମାରୋହକୁ ଉଦ୍‌ଘାଟନ କରିଥିଲେ । ଶରତ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ପ୍ରଥମ ପର୍ଯ୍ୟାୟ କବିତା ପାଠୋତ୍ସବରେ ଭରତ ଚନ୍ଦ୍ର ଦାଶ,ଡ ଭାଗବତ ପ୍ରସାଦ ଲେଙ୍କା,ପ୍ରଫୁଲ୍ଲ ଚନ୍ଦ୍ର ବେହେରା,କୃଷ୍ଣଚନ୍ଦ୍ର ଜେନା, ହରିହର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ହରେକୃଷ୍ଣ ପଣ୍ଡା କବିତାର ସଂଯୋଜନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସାରସ୍ୱତ ସମାରୋହରେ ଅନାଦି ଚରଣ ଜେନା ସଭାପତିତ୍ୱ କରିଥିଲେ । ଡ ଭଗବାନ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଧାମନଗର କଲେଜ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ସୁଚିତ୍ରା ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱପ୍ନସମ୍ଭାବନାକୁ ପାଥେୟ କରି ସାହିତ୍ୟ ସୃଷ୍ଟି ହୁଏ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ପ୍ରଭାସ ଦକ୍ଷିଣରାୟ ବିବରଣୀ ପାଠ କରିଥିବା ବେଳେ ମୁଖପତ୍ର କଲ୍ୟାଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କୁ ମା ଅମ୍ବିକା ସାହିତ୍ୟ ସମ୍ମାନ ତଥା ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏବଂ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୦ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଆଞ୍ଚଳିକ ବ୍ରାହ୍ମଣ ସମିତିର ସାମ୍ବତ୍ସରିକ ଉତ୍ସବ

ଖଇରା, ୧୫/୧(ନିପ୍ର) ବ୍ରାହ୍ମଣ ମାନେ ସବୁ ବେଳେ ଜଗତର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଉଚିତ୍ । ବେଦ ଉପନିଷଦ ଅଧ୍ୟୟନ କରି ନିଜର ଅନୁଗାମୀ ବା ଜଜମାନଙ୍କୁ ମୁକ୍ତିର ବାଟ ଦଖୋଇବା ଦରକାରି । ସର୍ବୋପରି ଗାଁରୁ ବିଶ୍ୱ ଯାଏ ଜଗତକୁ ଗୋଟିଏ ସୂତାରେ ବାନ୍ଧି ରଖିବା ବ୍ରାହ୍ମଣ ସମାଜ ହେବା ଦରକାର ବୋଲି ବ୍ରାହ୍ମଣ ସମିତିର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତ